ଧରିତ୍ରୀ
DHARITRI

July 4-10, 2021 ₹ 2/-

# ଛୁଟିଦିନ



# ଯାଦୁକରଙ୍କ କଥା

୩
ପ୍ରଚ୍ଛଦ ପ୍ରସଙ୍ଗ

ଦିନ ଥିଲା, ଯାଦୁଖେଳର ନାଁ ଶୁଣିଲେ ମନରେ ଅହେତୁକ ଉତ୍କଣ୍ଠା ଖେଳିଯାଉଥିଲା। ଗାଁରୁ ସହର ପ୍ରତ୍ୟେକ ବର୍ଗର ଲୋକଙ୍କ ପ୍ରିୟ ହୋଇରହିଥିଲା ଯାଦୁଖେଳ। କିନ୍ତୁ ଆଜିର ସମୟରେ ବିଭିନ୍ନ କାରଣରୁ ଯାଦୁଖେଳର ସେ ପୂର୍ବ ଆକର୍ଷଣ କମିଆସିଲାଣି ତଥାପି ଅନେକ ଯାଦୁକର ଛାଡ଼ି ପାରିନାହାନ୍ତି ଏହି ପେସାକୁ...

୮/୯
ସିନେମା

୧୩
ସହରଠୁ ଦୂର



# ଗାଜରର ଔଷଧୀୟ ଗୁଣ

ଗାଜରରେ ଥିବା ଫାଇବର୍ ଶରୀରରେ ବ୍ଲଡ୍ ସୁଗାର୍ ଲେଭଲ୍‌କୁ ନିୟନ୍ତ୍ରଣରେ ରଖିବାରେ ବେଶ୍ ସହାୟକ ହୋଇଥାଏ। ତା'ସହିତ ଏଥିରେ ଭିଟାମିନ୍ ଏ ଓ ବିଟା-କାରୋଟିନ୍ ପ୍ରଚୁର ପରିମାଣରେ ଥିବାରୁ ଏହା ଡାଇବେଟିସ୍ ରୋଗରୁ ବି ମୁକ୍ତି ଦେଇଥାଏ। ସେହିପରି ଗାଜରରେ କ୍ୟାଲସିୟମ୍ ଓ ଭିଟାମିନ୍-କେ ଥିବା ଯୋଗୁ ଏହା ଅସ୍ଥିକୁ ମଜଭୁତ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ। କେବଳ ଏତିକି ନୁହେଁ, ନିୟମିତ ଅନ୍ତରାଳରେ ଗାଜର ଖାଇଲେ ତ୍ୱଚାରେ ଚମକ୍ ଆସିବା ସହ ଖାଦ୍ୟ ମଧ୍ୟ ଶୀଘ୍ର



ହଜମ ହୋଇଥାଏ। ସେଥିପାଇଁ ଅନେକେ ଏବେ ସେମାନଙ୍କର ଡେଲି ଡାଏଟ୍‌ରେ ଗାଜରକୁ ସାମିଲ କରୁଥିବାର ଦେଖିବାକୁ ମିଳୁଛି। ତେବେ ଗାଜରକୁ ରାନ୍ଧିକି ଖାଇବା ପରିବର୍ତ୍ତେ ଯଦି ଏହାକୁ କଞ୍ଚାରେ ଖିଆଯାଏ, ତା'ହେଲେ ଏହା ଶରୀର ପାଇଁ ଅଧିକ ଲାଭଦାୟକ ହୋଇଥାଏ। ବିଶେଷକରି ଗାଜର୍‌କୁ ସାଲାଡ୍ କରି ଖାଇଲେ ଏହା ପାଟିକୁ ସୁଆଦିଆ ଲାଗିବା ସହ ଏହାର ସିଧାସଳଖ ଫାଇଦା ଶରୀରକୁ ମିଳିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୪-୧୦

**ମେଷ**



ସ୍ୱାସ୍ଥ୍ୟ ଭଲ ରହିବ, କାମ ବିଳମ୍ବରେ ହେବ, ପ୍ରିୟବ୍ୟକ୍ତିଙ୍କ ଆକ୍ଷେପୋକ୍ତି, ଉପରିସ୍ଥଙ୍କ ଆଶ୍ୱାସନା, ସାହିତ୍ୟ ସାଧନାରେ ରୁଚି, ଚଳଚ୍ଚିତ୍ରରେ ସୁନାମ, ସମସ୍ୟା ସମାଧାନ, ଘର ସାଜସଜ୍ଜା, ଅର୍ଥ ସଙ୍କଟ ଲାଗିରହିବ, ବନ୍ଧୁଙ୍କ କାର୍ଯ୍ୟରୁ ଅନୁତାପ।

**ବୃଷ**




ମାନସିକ ଦ୍ୱନ୍ଦ୍ୱ, କଚେରି ମାମଲା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଆତ୍ମୀୟଙ୍କ ସହାନୁଭୂତି, ଆର୍ଥିକ ସଙ୍କଟ, ସଭାସମିତିକୁ ନିମନ୍ତ୍ରଣ, ଯାତ୍ରାରେ କାର୍ଯ୍ୟସିଦ୍ଧି, ସରକାରୀ ସହାୟତା ପ୍ରାପ୍ତି।

**ମିଥୁନ**



ପାରିବାରିକ ଖର୍ଚ୍ଚ ବୃଦ୍ଧି, ମାନସିକସ୍ଥିତି ବିଗିଡିବ, ବନ୍ଧୁଙ୍କ ସମାଲୋଚନା, ଦୃଷ୍ଟିକୋଣ ବଦଳିବ, ଅନ୍ୟଦ୍ୱାରା ପ୍ରଭାବିତ ହେବେ, ଯାନ୍ତ୍ରିକ ଜିନିଷର ମରାମତି, ସନ୍ତାନହେତୁକ ଗୌରବ, ସମସ୍ୟା ସମାଧାନ।

**କର୍କଟ**



ବନ୍ଧୁଙ୍କ ସହଯୋଗ, ଶୁଭଖବର ପ୍ରାପ୍ତି, ଗୁରୁଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ସାମୟିକ ଆଶ୍ୱସ୍ତି, ବଚସାରୁ କଳହ, କାମ ବିଗିଡିଯିବ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ନୂତନ ମୈତ୍ରୀ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ଆନୁଷ୍ଠାନିକ କାମ।

**ସିଂହ**



କର୍ମକ୍ଷେତ୍ରରେ ପ୍ରତିଷ୍ଠା, ପାରିବାରିକ ସୌଖ୍ୟ, ଯାନବାହନ କ୍ରୟ, ସମ୍ପର୍କ ଦୃଢୀଭୂତ ହେବ, ସାମାଜିକ ସମ୍ମାନ, ସ୍ୱାସ୍ଥ୍ୟ ସମସ୍ୟା, ନିନ୍ଦୁକ ଗୋଷ୍ଠୀଙ୍କ ସମାଲୋଚନା, ଯାତ୍ରା ସ୍ଥଗିତ ରହିବ।

**କନ୍ୟା**



ଅନ୍ୟମନସ୍କ ରହିବେ, କ୍ରନିକ ରୋଗରେ ପୀଡ଼ା, କାର୍ଯ୍ୟସ୍ଥଳୀରେ ବିବାଦ, ସହକର୍ମୀଙ୍କ ଅପପ୍ରଚାର, ଅଯାଚିତ ସହାୟତା ପ୍ରାପ୍ତି, ଆର୍ଥିକସ୍ଥିତି ବଦଳିଯିବ, ପାରିବାରିକ ସମସ୍ୟା, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ବିଦେଶଯାତ୍ରାର ସୁଯୋଗ।

**ତୁଳା**



ମର୍ଯ୍ୟାଦାବନ୍ତ ହେବେ, ବୁଦ୍ଧିଜୀବୀଙ୍କ ପ୍ରଶଂସା, ଆରୋଗ୍ୟ ଲାଭ, ବନ୍ଧୁ ସାହାଯ୍ୟରେ କାର୍ଯ୍ୟାରମ୍ଭ, ଶତ୍ରୁତା ବୃଦ୍ଧି, ପରିବାରରେ ମତାନ୍ତର, ପ୍ରତିରୋଧ ଦୂର ହେବ, ମକଦ୍ଦମାରେ ବିଜୟ, ପଡୋଶୀଙ୍କ ଦୌରାତ୍ମ୍ୟ।

**ବିଛା**



ଯୁକ୍ତିଯୁକ୍ତ କଥାରୁ ପ୍ରଶଂସା, ବ୍ୟକ୍ତିତ୍ୱର ପରିପ୍ରକାଶ, ସଭାସମିତିରେ ଆଲୋଚନା, ଦୁର୍ବଳ ଆର୍ଥିକ ସ୍ଥିତି, ସାମୟିକ ମନସ୍ତାପ, ବନ୍ଧୁଙ୍କ ଦ୍ୱାରାସ୍ଥ ହେବେ, ଘର ସାଜସଜ୍ଜା, ଶିଳ୍ପବାଣିଜ୍ୟରେ ଉନ୍ନତି, ପ୍ରତିଯୋଗିତାରେ ସଫଳତା।

**ଧନୁ**



ପାରିବାରିକ ଅଶାନ୍ତି, କାର୍ଯ୍ୟବ୍ୟସ୍ତତାରୁ ଅବହେଳା, ସାମୟିକ ଅସୁସ୍ଥତା, ପରିସ୍ଥିତିରେ ଉନ୍ନତି, ମାନସିକ ଭାରସାମ୍ୟ ରକ୍ଷା, ଯାତ୍ରାରେ ଅନୁକୂଳତା, ଗୃହ ଭୂମି ବନ୍ଧକ, ଗାଡି ସମ୍ପର୍କୀୟ ଦୁଶ୍ଚିନ୍ତା, ବନ୍ଧୁଙ୍କ ଆଲୋଚନା।

**ମକର**



କାମ ସ୍ଥଗିତ ରହିବ, ପରିସ୍ଥିତିକୁ ସଜାଡିବେ, ଯୋଜନା ବଦଳିଯିବ, ପର ପାଇଁ କଷ୍ଟ ସ୍ୱୀକାର, ସୌଖୀନ ପଦାର୍ଥ ଆଣିବେ, ତରବରିଆରେ କର୍ମହାନି, ମାଙ୍ଗଳିକ କାର୍ଯ୍ୟରେ ବାଧା, ମାନ୍ଦା ବ୍ୟବସାୟିକ ସ୍ଥିତି, ସୁଯୋଗ ହରାଇବେ।

**କୁମ୍ଭ**



କାର୍ଯ୍ୟ ସିଦ୍ଧି, ଧନ ସମ୍ମାନ ଲାଭ, ନୂତନ କର୍ମାରମ୍ଭ, ପାରିବାରିକ ସହମତି, ଅପ୍ରିୟ ସତ୍ୟଭାଷଣରୁ କଳହ, ଯୋଜନା ବଦଳାଇବେ, ପ୍ରଶାସନିକ ତତ୍ପରତା, କୃତିତ୍ୱରୁ ସମ୍ବର୍ଦ୍ଧନା, ଅକୁହା କଥାର ଯନ୍ତ୍ରଣା, ଉପହସିତ ହେବେ, ସରଳ ବିଶ୍ୱାସରୁ ସମସ୍ୟା।

**ମୀନ**



ଅସମାହିତ ସମସ୍ୟା, ମାନସିକ ଦ୍ୱନ୍ଦ୍ୱ, ଠିକ୍ ନିଷ୍ପତ୍ତି ନେବେ, ଅସଂଯତ କାର୍ଯ୍ୟକଳାପ, ଅନିଶ୍ଚିତତା ମଧ୍ୟରେ ଗତି, ଯାନ୍ତ୍ରିକ ତ୍ରୁଟି, ଯାତ୍ରାରେ ବିଳମ୍ବ, ଦୁଃସାହସିକ ପଦକ୍ଷେପ, ସାଂଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ, ବସ୍ତ୍ର ଭୂଷଣ ଲାଭ।

# ସୌଭାଗ୍ୟ ଆଣେ ହାତୀଙ୍କ ମୂର୍ତ୍ତି

**ବାସ୍ତୁଶାସ୍ତ୍ର ଅନୁସାରେ ଘରେ ହାତୀଙ୍କ ଫଟୋ କିମ୍ବା ମୂର୍ତ୍ତି ରଖିଲେ କ'ଣ ସବୁ ଉପକାର ହୋଇଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

*ଶୟନକକ୍ଷରେ ଯୋଡ଼ା ହାତୀଙ୍କ ମୂର୍ତ୍ତି କିମ୍ବା ଫଟୋ ରଖିଲେ ପତ୍ନୀ-ପତିଙ୍କ ମଧ୍ୟରେ ଭଲପାଇବା ବଢ଼ିବା ସହ ପରସ୍ପର ପ୍ରତି ସମ୍ମାନ ବୃଦ୍ଧି ପାଇଥାଏ।

*ସେହିପରି ଆଲମାରିର କବାଟରେ ଶୁଣ୍ଢ ଉପରକୁ ଉଠାଇଥିବା ଦୁଇଟି ହାତୀଙ୍କ ମଝିରେ ମା'ଲକ୍ଷ୍ମୀ ବସିଥିବାର ଫଟୋ ଲଗାଇଲେ କିମ୍ବା ଆଲମାରିରେ ଏପରି ମୂର୍ତ୍ତି ରଖିଲେ ପରିବାରରେ ସୁଖ ସମୃଦ୍ଧି ବଢ଼ିବା ସହ ଆର୍ଥିକ ସ୍ଥିତି ମଜଭୁତ ହୋଇଥାଏ।

*ଯଦି ଘରେ ଆର୍ଥିକ ଦୁରବସ୍ଥା ଲାଗି ରହିଥାଏ, ତା'ହେଲେ ହାତୀ ରହୁଥିବା ସ୍ଥାନରୁ କିଛି ମାଟି ଆଣି ଘରେ ଥିବା କୂଅରେ ପକାଇଲେ ଏହି ସମସ୍ୟାର ସମାଧାନ ହୋଇଥାଏ ବୋଲି ବିଶ୍ୱାସ ରହିଛି।

*ସେହିପରି ଯଦି କେହି ନିଜର ସ୍ମରଣ ଶକ୍ତି ବୃଦ୍ଧି କରିବାକୁ ଚାହୁଁଥାନ୍ତି, ତା'ହେଲେ ସେହି ମାଟିରେ କିଛି ଘିଅ ଓ ପାଣି ମିଶାଇ ୭ଟି ଗୋଲି ତିଆରି କରିବେ ଓ ସେଥିରେ ସିନ୍ଦୂର ଲଗାଇ ତାହାକୁ ଏକ ଡବାରେ ଭର୍ତ୍ତି କରି ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଲୁଚାଇ ରଖିଲେ ସୁଫଳ ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।



# ପାଠକୀୟ

*ଗୋଟେ ଦମ୍ଭର ନାଁ, ଗୋଟେ ଅହଙ୍କାରର ନାଁ, ଗୋଟେ ଆଶ୍ରାର ନାଁ, ଗୋଟେ ନିରୀହ ଭଲପାଇବାର ନାଁ ବାପା। ହେଲେ କୌଣସି ସନ୍ତାନ କ'ଣ ସତରେ ବାପାଙ୍କୁ ଠିକ୍‌ଭାବରେ ବୁଝିପାରନ୍ତି! କେହି କେହି ବୁଝନ୍ତି ଯେତେବେଳେ ସେ ନିଜେ ବାପା ହୁଅନ୍ତି। ବୁଝନ୍ତି, ହେଲେ କହିପାରନ୍ତି ନାହିଁ, ଆଉ କେହି ବୁଝିବା ବେଳକୁ ବାପା ତାଙ୍କୁ ଛାଡ଼ି ଚାଲିଯାଇଥାନ୍ତି ବହୁ ଦୂରକୁ। ଏକଥା ଊଣାଅଧିକେ ପ୍ରାୟ ପ୍ରତ୍ୟେକ ସନ୍ତାନଙ୍କ କ୍ଷେତ୍ରରେ ଘଟିଥାଏ। ତେଣୁ ଏଥରର ପ୍ରଚ୍ଛଦରେ ଏମିତି କେତେଜଣ ସନ୍ତାନଙ୍କୁ ନିଆଯାଇଛି, ଯେଉଁମାନେ ତାଙ୍କ ମନର କଥା, ଅବସୋସର କଥା, ଭଲପାଇବାର କଥା ଚିଠି ମାଧ୍ୟମରେ ଜଣାଇଛନ୍ତି ତାଙ୍କ ବାପାଙ୍କୁ। ତେଣୁ ପିତୃଦିବସ ଉପଲକ୍ଷେ ଛୁଟିଦିନରେ ପ୍ରକାଶିତ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବାପାଙ୍କୁ ଚିଠି'ଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

*–ବିଦ୍ୟାଧର ମହାନ୍ତି, ରେଲୱେ କଲୋନୀ, ପୁରୀ*

*ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ବାପାଙ୍କୁ ଚିଠି' ଏକ ମର୍ମସ୍ପର୍ଶୀ ଆଲେଖ୍ୟ ଥିଲା। ଏଥିରୁ କେତେଜଣ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବାପାଙ୍କ ପାଖକୁ କେମିତି ଆବେଗଭରା ଚିଠି ଲେଖିଥିଲେ ତାହା ପଢ଼ି ବହୁତ ଖୁସି ଲାଗିଲା। ସେହିପରି 'ବାସ୍ତୁ ଅନୁସାରେ କେମିତି ବଢ଼ିବ ବାପା-ପୁଅଙ୍କ ଭିତରେ ସମ୍ପର୍କ' ତାହା ମଧ୍ୟ ଏଥରର ଛୁଟିଦିନରୁ ଜାଣିହେଲା। ପ୍ରତ୍ୟେକ ସନ୍ତାନଙ୍କ ପାଇଁ ବାପାଙ୍କର ଭୂମିକା କେତେ ମହାନ୍ ଆଉ କଷ୍ଟଦାୟକ ହୋଇଥାଏ, ତାହା ସିଏ ଜାଣିଛି ଯିଏ ନିଜେ ବାପା ହୋଇପାରିଛି। ତେଣୁ 'ବାପାଙ୍କ ପାଇଁ ପଦେ' ଆଲେଖ୍ୟଟି ମଧ୍ୟ ଏକ ସୁନ୍ଦର ପରିଭାଷା ଥିଲା।

*–ଶ୍ୟାମସୁନ୍ଦର ପ୍ରଧାନ, ରାଉରକେଲା*

*ଏଥରର ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ରୋମାଣ୍ଟିକ୍ ହୋଇଥିଲା। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ତାଙ୍କ ଝିଅ ଇନ୍ଦିରା ଗାନ୍ଧୀଙ୍କୁ କ'ଣ ଚିଠି ଲେଖିଥିଲେ ତାହା ଏଥରର ଛୁଟିଦିନରୁ ପଢି ଖୁସି ଲାଗିଲା। ମଡେଲ୍ ମିରର୍‌ରେ ସ୍ୱସ୍ତିକ୍ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସେହିପରି ଏଥରର ସହର ପୃଷ୍ଠାରୁ ଅଧିକ ବର୍ଷା ହେଉଥିବା ସ୍ଥାନ ଚେରାପୁଞ୍ଜି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'କୁନି କୁକୁରର ବଡ଼ କମାଲ' ନାମକ ପାଠଟି ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*– ରୂପେଶ ମୁଦୁଲି, ଝାରସୁଗୁଡ଼ା*

*ଏଥରର ଛୁଟିଦିନର ବ୍ୟାକ୍‌ପେଜ୍ ପୃଷ୍ଠାରେ ପ୍ରକାଶିତ '୮ ବର୍ଷିୟା ମାଗାଜିନ୍ ସମ୍ପାଦିକା', 'ବାପାଙ୍କ ପ୍ରେରଣାରେ ହେଲେ ବିଶିଷ୍ଟ ଚିତ୍ରଶିଳ୍ପୀ' ଏବଂ 'ଥୋମଣି ପାଇଁ ଗହଣା' ଆଦି ପାଠଗୁଡ଼ିକ ଯେମିତି ଆଶ୍ଚର୍ଯ୍ୟକର ଥିଲା ସେତିକି ମନଛୁଆଁ ବି ହୋଇପାରିଥିଲା।

*–ଶ୍ରେୟାଶ୍ରୀ ମିଶ୍ର, ସମ୍ବଲପୁର*



## ବିଶେଷ ଚିଠି

ଏଥରର ପ୍ରଚ୍ଛଦ ପ୍ରସଙ୍ଗ
ବାପାଙ୍କୁ ଚିଠିଟି
ହୋଇଥିଲା ଭାରି ଚମତ୍କାର,
ସେଥିପାଇଁ ଛୁଟିଦିନ
ତୁମକୁ କୋଟି କୋଟି ଜୁହାର।
ପତ୍ରିକା ମଧ୍ୟେ ତୁମେ ହେଉଛ
ସବୁଠାରୁ ସାର
ଷୋହଳ ପୃଷ୍ଠାରେ ଗଢ଼ା
ଏହି ଦେହ ତୁମର
ରହିଥାଉ ସଦା ପ୍ରଭୁ ପାଦର।

*–ଆକାଂକ୍ଷା ମହାନ୍ତି, ତାଳଚେର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଯାଦୁକରଙ୍କ କଥା







**ଦିନ ଥିଲା, ଯାଦୁଖେଳର ନାଁ ଶୁଣିଲେ ମନରେ ଅହେତୁକ ଉତ୍କଣ୍ଠା ଖେଳିଯାଉଥିଲା। ଗାଁରୁ ସହର ପ୍ରତ୍ୟେକ ବର୍ଗର ଲୋକଙ୍କ ପ୍ରିୟ ହୋଇରହିଥିଲା ଯାଦୁଖେଳ। କିନ୍ତୁ ଆଜିର ସମୟରେ ବିଭିନ୍ନ କାରଣରୁ ଯାଦୁଖେଳର ସେ ପୂର୍ବ ଆକର୍ଷଣ କମିଆସିଲାଣି ତଥାପି ଅନେକ ଯାଦୁକର ଛାଡ଼ି ପାରିନାହାନ୍ତି ଏହି ପେସାକୁ...**


ଦିନ ଥିଲା, ମଧ୍ୟାହ୍ନ ହେଉ କି ଅପରାହ୍ନ; ଗାଁ ମଝିରେ କିମ୍ବା ଛକଜାଗା ଅଥବା ସ୍କୁଲ ପରିସରରେ ଯେବେ ଆରମ୍ଭ ହେଉଥିଲା ଯାଦୁଖେଳ ଦର୍ଶକଙ୍କ ମଧ୍ୟରେ ଅହେତୁକ ଉତ୍କଣ୍ଠା ଭରି ଯାଉଥିଲା। ଯାଦୁକର କିଛି ଅଦ୍ଭୁତ ବା ଚମତ୍କାର ଖେଳ ଦେଖାଇବା ପୂର୍ବରୁ ପ୍ରଥମେ ନାନାପ୍ରକାର ବାକ୍‌ଚାତୁରୀରେ ଯେମିତିକି ଯନ୍ତର- ମନ୍ତର- ତନ୍ତର- ଫୁସ୍... କହି ଯାଦୁଖେଳ ପ୍ରଦର୍ଶନ କରିଥା'ନ୍ତି। ଖେଳ ପ୍ରଦର୍ଶନ ବେଳେ ଶୂନ୍ୟରୁ ମିଠେଇ, ପଇସା, ଚକୋଲେଟ୍ ଓ ବିସ୍କୁଟ ଆଦି ସୃଷ୍ଟି କରିବାର କୌଶଳକୁ ଦେଖାଇଥା'ନ୍ତି। ବିନା ଦିଆଶିଲିରେ ଶୂନ୍ୟରେ ନିଆଁ ଜଳାଇଥା'ନ୍ତି। ଟା, ଅଣ୍ଡାଭଜା, ମୁଣ୍ଡ ଉପରେ ରୋଷେଇ କରିବା ସହ ପୁଅକୁ ଝିଅ କରିବାର କଳାକୌଶଳ ପ୍ରଦର୍ଶନ କରିଥା'ନ୍ତି। ମଣିଷଙ୍କୁ ଶୂନ୍ୟରେ ଭାସମାନ ଅବସ୍ଥାରେ ଶୁଆଇ ରଖିବା, ହଜାର ହଜାର ଦର୍ଶକଙ୍କ ସମ୍ମୁଖରୁ ନିଜକୁ ହଠାତ୍ ଉଭାନ୍ କରିବା, ଶୂନ୍ୟରେ ଗୋଟିଏ ଝିଅକୁ ଚକ୍ରାକାରରେ ଘୂରାଇବା ପରି ଆଶ୍ଚର୍ଯ୍ୟଜନକ ଖେଳ ଦେଖାଇଥା'ନ୍ତି। କୌଣସି ଦ୍ରବ୍ୟ କିମ୍ବା ପ୍ରାଣୀଙ୍କୁ କପଡ଼ାରେ ଘୋଡ଼ାଇ ତାକୁ ଖଣ୍ଡଖଣ୍ଡ କରି କାଟି ପୁଣିଥରେ ଯୋଡ଼ିବା ଇତ୍ୟାଦି ଦୃଶ୍ୟ ଦର୍ଶକଙ୍କ ମନରେ ନିଆରା ଭାବ ସୃଷ୍ଟି କରିଥାଏ। କିନ୍ତୁ ଯାଦୁକରମାନେ ବିଭିନ୍ନ ଧାରାରେ ନାନାପ୍ରକାର କଳାକୌଶଳକୁ ଅବଲମ୍ବନ କରି ଖେଳ ପ୍ରଦର୍ଶନ କରିଥା'ନ୍ତି। ଯେପରିକି ଦର୍ଶକ ଯାଦୁକାରଙ୍କ ଖେଳ ଦେଖି ଆଶ୍ଚର୍ଯ୍ୟ ବା ଆଚମ୍ବିତ ହୋଇଥାନ୍ତି। ହେଲେ ଯାଦୁବିଦ୍ୟା ସମ୍ପୂର୍ଣ୍ଣ ବିଜ୍ଞାନର ବିଭିନ୍ନ ନିୟମ ଉପରେ ନିର୍ଭରଶୀଳ। ଆଜିକାଲି ବିଭିନ୍ନ ସାଂସ୍କୃତିକ ମଞ୍ଚରେ ଯାଦୁଖେଳ ଦେଖିବାକୁ ମିଳୁଛି। ଓଡ଼ିଶାରେ ଯାଦୁବିଦ୍ୟାରେ ନିଜର ନିଆରା ପରିଚୟ ସୃଷ୍ଟି କରିଥିବା କେତେଜଣ ଯାଦୁକରଙ୍କ ସମ୍ପର୍କରେ।

**ଯାଦୁବିଦ୍ୟା କୌଣସି ଗୁଣିଗାରେଡ଼ି ନୁହେଁ–** ମୁଠାଏ ତାସ, ରଶି, କାଗଜଫୁଲ, ଆଖିରେ କପଡ଼ା ବାନ୍ଧି ମୋଟରସାଇକେଲ ଚଲାଇବା, ବାର୍‌ଲାଇଟ ଭାଙ୍ଗି ଖାଇବା, ଘଣ୍ଟା ଇତ୍ୟାଦିକୁ ନେଇ ସେ ନାନା ପ୍ରକାରର ଯାଦୁଖେଳ ଦେଖାଇଥାନ୍ତି। ପିଲାଦିନେ ଗାଁରେ ଯେଉଁଠି ଯାଦୁଖେଳ ହେବାର ଶୁଣନ୍ତି ସେ ସେଠାକୁ ଯାଇ ଯାଦୁଖେଳ ଦେଖନ୍ତି। ସେ ହେଲେ ବିମଳ ବିଶ୍ୱାଳ। ଢେଙ୍କାନାଳ ଜିଲାର ହିନ୍ଦୋଳ ବ୍ଲକ ବଙ୍ଗୁ ଗ୍ରାମରେ ସେ ରୁହନ୍ତି। ସେ କୁହନ୍ତି, ସ୍କୁଲରେ ପାଠ ପଢୁଥିବା ସମୟରେ ମହେଶ୍ୱର ମହାରଣାଙ୍କ ଯାଦୁଖେଳ ପ୍ରତି ଆକର୍ଷିତ ହୋଇଥିଲି। ନିଜେ କିପରି ଜଣେ ଯାଦୁକର ହୋଇପାରିବି ଏଥିପାଇଁ ଉପାୟ ଖୋଜୁଥିଲି। ଏମିତିରେ ୮ମ ଶ୍ରେଣୀରୁ ଏଥିପାଇଁ ପାଠପଢ଼ା ବଦଳରେ ଅଧିକାଂଶ ସମୟ ଯାଦୁଖେଳରେ ବିତୁଥିଲା। ଅଣ୍ଡାରୁ ପାରା ବାହାର କରିବା, ମଣିଷଙ୍କୁ ଗାଏବ କରିବା, ଶୂନ୍ୟରେ ଶୁଆଇବା ଇତ୍ୟାଦି ଯାଦୁକୌଶଳ ଦେଖାଇ ଦର୍ଶକଙ୍କ ମନରେ ହସ ଭରିଥାଉ। ୧୯୯୯ ମସିହାରୁ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ସଂଗୀତ ନାଟକ ବିଭାଗ ଦ୍ୱାରା ପଞ୍ଜୀକୃତ ଯାଦୁକର ଭାବେ ମାନ୍ୟତା ମିଳିଛି। ରୟାଲ ମ୍ୟାଜିକ୍ ଶୋ ଗଠନ କରିଛି। ରାଜ୍ୟ ଓ ରାଜ୍ୟ ବାହାରେ ଯଥା– ସିକିମ୍, ନେପାଳ, ଆନ୍ଧ୍ରପ୍ରଦେଶ, କେରଳ ଆଦି ରାଜ୍ୟରେ ଯାଦୁଖେଳ ପ୍ରଦର୍ଶନ କରିପାରିଛି। ପ୍ରାୟ ୨ ହଜାରରୁ ଅଧିକ ମଞ୍ଚରେ ଯାଦୁଖେଳ ଦେଖାଇ ସାରିଲାଣି। ହସ୍ତକୌଶଳ ଦ୍ୱାରା ଇନ୍ଦ୍ରଜାଲ ସୃଷ୍ଟି କରି ଲୋକଙ୍କ ମନୋରଞ୍ଜନ କରିଥାଉ। ଯାଦୁବିଦ୍ୟା କୌଣସି ଗୁଣିଗାରେଡ଼ି ନୁହେଁ। ଏହା ଏକ କୌଶଳ କଳା। ଏହା ମୋ ପାଇଁ ପେସା ପାଲଟି ଯାଇଛି। ତେବେ କରୋନା କଟକଣା ସମୟରେ ସିନା ବିଭିନ୍ନ ଗାଁକୁ ବୁଲିବାକୁ ଯାଇପାରୁନୁ ହେଲେ ଟିଭି ମାଧ୍ୟମରେ ଏହି ଖେଳ ଦେଖାଇଥାଉ। ଏପରିକି କରୋନା ସଚେତନତା ସମ୍ପର୍କରେ ମଧ୍ୟ ଖେଳ ଦେଖାଇଛୁ। ଏହି ଯାଦୁଖେଳ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା ପ୍ରେସ୍ ଏକାଡେମୀ, ନାଲ୍‌କୋ, ସିକିମ୍ ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ସମେତ ଅନେକ କ୍ଷେତ୍ରରୁ ପୁରସ୍କୃତ ହୋଇଛି।



**ମ୍ୟାଜିକ୍ ବିଜ୍ଞାନର ଏକ ନିଆରା କୌଶଳ–** ସ୍କୁଲରେ ଯାଦୁକରଙ୍କ ଖେଳ ଦେଖି କିଛି ଯାଦୁଖେଳ ଶିଖିଥିଲେ। ସମୟ କ୍ରମେ ଯାଦୁଖେଳର ତାଲିମ ପାଇଲେ। ଏବେ ଓଡ଼ିଶାରେ ଜଣେ ପରିଚିତ ଯାଦୁକର। ସେ ହେଲେ ଅଚ୍ୟୁତାନନ୍ଦ ଗୌଡ଼(ଅଜୁବା)। ତାଙ୍କ ପିତା ଜୟକୃଷ୍ଣ ଗୌଡ଼ ଜଣେ ଅଧ୍ୟାପକ। ଘର ଗଞ୍ଜାମ ଜିଲାର ପୋଲସରାରେ । ସେ କୁହନ୍ତି– ସ୍କୁଲରେ ପାଠ ପଢ଼ିବା ବୟସରେ ବିଭିନ୍ନ ଯାଦୁକରଙ୍କ ଯାଦୁଖେଳ ଦେଖି ଖୁସି ହେଉଥିଲି। ତାଙ୍କଠାରୁ ଯାଦୁଖେଳ ଶିଖିବା ପାଇଁ ମନ ବଳାଇଥିଲି। କିନ୍ତୁ ସେତେବେଳେ ଏହି କଳା ଶିଖିବା ପାଇଁ ବିଶେଷକିଛି ସୁଯୋଗ ନଥିଲା। ୨୦୧୧ରୁ ଯାଦୁଖେଳ ଶିଖିବାକୁ ଚେଷ୍ଟା କରୁଥିଲି, ମାତ୍ର ୨୦୧୪ରେ ମୋ ଗୁରୁ ସନ୍ତୋଷ କୁମାର ଚୌଧୁରୀ ଏବଂ ସୁକେଶ ପଟ୍ଟନାୟକଙ୍କଠାରୁ ଯାଦୁବିଦ୍ୟା ଶିକ୍ଷା ଲାଭ କରିଥିଲି। ପରେ କଲିକତା, ଗୁଜରାଟ, କେରଳ, ଛତିଶଗଡ଼ ଆଦି ସ୍ଥାନକୁ ଯାଇ ଯାଦୁ କଳା ଶିଖିଲି। ଯାଦୁଖେଳରେ ଶୂନ୍ୟରୁ ବିଭିନ୍ନ ପ୍ରକାର ଜିନିଷ ବାହାର କରିବା, କିଛି ମିଠାଇ, ବିଭୂତି ବାହାର କରିବା, ଏପରିକି ଅନ୍ୟ ଜଣେ କ'ଣ ଭାବୁଛି ତାହା ଜାଣିପାରିବା; ଯାହାକୁ (ଟେଲିପୋଟେସନ) କୁହାଯାଏ। ଏମିତି ଯାଦୁବିଦ୍ୟାରେ ଦକ୍ଷତା ହାସଲ କରିପାରିଛି। ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ଏଯାଏ ପ୍ରାୟ ୨ ହଜାରରୁ ଅଧିକ ସ୍ଥାନରେ ଯାଦୁକଳା ଦେଖାଇସାରିଲାଣି। ଏମିତିରେ ପ୍ରାୟ ଦୀର୍ଘ ୭ ବର୍ଷ ହୋଇଯିବ ଯାଦୁଖେଳ କରିଆସୁଛି। ମୋ ମତରେ ମ୍ୟାଜିକ୍ ବିଜ୍ଞାନର ଏକ ନିଆରା କୌଶଳ। ଏହାର ସ୍ୱତନ୍ତ୍ର କୌଶଳ ଓ ଅଭ୍ୟାସ ଦ୍ୱାରା ଦର୍ଶକଙ୍କୁ ଚମତ୍କାର ଲାଗେ। ମ୍ୟାଜିକବାଲା କ'ଣ ଦେଖାଏ ବଡ଼ କଥା ନୁହେଁ, କିନ୍ତୁ ଦର୍ଶକଙ୍କୁ କିପରି ଚମତ୍କାର କଳାରେ ଆକର୍ଷିତ କରିହେବ ଏହାହିଁ ବଡ଼କଥା।





ମ୍ୟାଜିକ୍‌ବାଲା କିଛି ସାମଗ୍ରୀକୁ ଲୁଚାଇ ରଖିଥିବେ, ଯେପରି କି ଏହି ଖେଳ ଦେଖୁଥିବା ଦର୍ଶକ ସେତେବେଳେ କେହି ଦେଖି ନଥିବେ ବା ଜାଣିପାରିନଥିବେ । କୌଶଳକ୍ରମେ ଯାଦୁକର ହଠାତ୍ ଦେଖାଇଦେବାରୁ ଲୋକଙ୍କୁ ଆଶ୍ଚର୍ଯ୍ୟ ଲାଗିଥାଏ। ଏବେ ଓଡ଼ିଶାର ଜଣେ ପରିଚିତ ଯାଦୁକର ଭାବେ ପରିଚିତ ହୋଇପାରିଛି। ମୋତେ ଯାଦୁକର 'ଅଜୁବା' ନାମରେ ପରିଚୟ ମିଳିଚି। ଭବିଷ୍ୟତରେ ଗୋଟିଏ ଯାଦୁଶିକ୍ଷା କେନ୍ଦ୍ର ଖୋଲିବା ପାଇଁ ଆଶା କରିଛି। ଏଯାଏ ପ୍ରାୟ ୪୦ଜଣ ଏହି ବିଦ୍ୟା ଶିଖିସାରିଲେଣି।

**ମ୍ୟାଜିକ୍‌ରେ କୌଶଳ ଓ ବାକ୍‌ଚାତୁରୀ ଥାଏ–** ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଯାଦୁଖେଳ ଦେଖିବାକୁ ଭଲପାଆନ୍ତି। କେହିକେହି ସାଙ୍ଗମାନଙ୍କ ଆଗରେ ଯାଦୁଖେଳ ଦେଖାଇ ମଜା କରିଥାନ୍ତି। ହେଲେ ସେ ସ୍କୁଲ ବୟସରୁ ଯାଦୁଖେଳ ପ୍ରତି ମନ ବଳାଇଥିଲେ । ଏବେ ଓଡ଼ିଶାର ଜଣେ ଜଣାଶୁଣା ଯାଦୁକର । ସେ ହେଲେ ଜୀବନ ମିଶ୍ର। ସେ କୁହନ୍ତି– ହାଇସ୍କୁଲରେ ପଢୁଥିବା ସମୟରେ ଥରେ ସ୍କୁଲରେ ଯାଦୁକର ପି.ଏଲ୍. ସୁନ୍ଦରାଙ୍କ ଯାଦୁଖେଳ ଦେଖି ମନେମନେ ଠିକ୍ କଲି ମୁଁ ନିଜେ କିପରି ଜଣେ ଯାଦୁକର ହେବି। ଏଥିପାଇଁ ଚିନ୍ତା ଘାରିଥିଲା। କିଛି ଛୋଟଛୋଟ ଯାଦୁଖେଳକୁ ଅଭ୍ୟାସ କରି ଶିଖିଲି। ସମୟକ୍ରମେ ରେଢ଼ାଖୋଳରେ +୨ ପଢୁଥିବାବେଳେ ଯାଦୁଖେଳ ପ୍ରତି ଅଧିକ ଆଗ୍ରହୀ ହେଲି। ଯୋଗକୁ ଏହି ସମୟରେ ଆନ୍ଧ୍ରରୁ ଆସି ସାଇକେଲରେ ବୁଲିବୁଲି ଗାଁ ଗାଁରେ ଯାଦୁଖେଳ ଦେଖାଉଥିବା କେ. ରାଜାରାଓଙ୍କ ସହିତ ସାକ୍ଷାତ୍ ହେଲି। ତାପରେ ତାଙ୍କଠାରୁ ବିଭିନ୍ନ ଯାଦୁଖେଳର କୌଶଳ ଶିଖିଲି। ଏମିତିରେ ସ୍କୁଲରେ ସାଙ୍ଗ ଓ ସାରଙ୍କୁ ଖେଳ ଦେଖାଇଥିବାରୁ ସମସ୍ତେ ପ୍ରଶଂସା କଲେ। ତା'ପରେ ଏହି ନିଶା ମତେ ଜଣେ ଯାଦୁକର ଭାବେ ପରିଚୟ ଦେଇଛି। ଏଥିପାଇଁ ଜାତୀୟ ସ୍ତରରେ ବି ନିଆରା ପରିଚୟ ରହିଛି। ଜୀବନସ୍ ଇନ୍ଦ୍ରଜାଲ ନାମକ ଏକ ମ୍ୟାଜିକ ଦଳ ଗଠନ କରିଥିଲି। ଏଥିରେ ପ୍ରାୟ ୨୦ଜଣ ସଦସ୍ୟ। ପ୍ରଥମ ଶୋ ହେଇଥିଲା ୧୯୯୬ ମସିହାରେ ରଥଯାତ୍ରାକୁ। ତାପରେ ଓଡ଼ିଶା ସମେତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଆଦି ଅନେକ ରାଜ୍ୟର ବିଭିନ୍ନ ସ୍ଥାନରେ ଯାଦୁଖେଳ ପ୍ରଦର୍ଶନ କରିସାରିଲାଣି । ଏଥିସହିତ ବି ପାଠପଢ଼ା ଚାଲିଥାଏ, ମାତ୍ର ଚାକିରି ପାଇଁ ଉଦ୍ୟମ ନ କରି ପୂରା ସମୟ ଯାଦୁଖେଳରେ ବିତାଇଲି। ୨୦୦୪ ମସିହାରୁ ଭୁବନେଶ୍ୱରରେ ରହୁଥିବାବେଳେ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା। ବୁଲିବୁଲି ସ୍କୁଲ, କଲେଜ, ଗାଁ, ବଜାର ଆଦି ବିଭିନ୍ନ ସ୍ଥାନରେ ଯାଦୁଖେଳ ଦେଖାଇଛି। କିନ୍ତୁ ବିଧିବଦ୍ଧ ଭାବେ ସେମିତି କିଛି ସୁଯୋଗ ମିଳୁ ନ ଥିଲା । ନିଜ ଦକ୍ଷତାର ଉପଯୋଗ ପାଇଁ ଚିନ୍ତାକଲି। ଏମିତିରେ ସୁକେଶ ପଟ୍ଟନାୟକ ଓ ସନ୍ତୋଷ ଚୌଧୁରୀଙ୍କ ଏସ୍ଏଏସ ମ୍ୟାଜିକ ଏକାଡେମୀରୁ କ୍ଲୋଜ–ଅଫ ମ୍ୟାଜିକ ଶିଖିଲି। ଆମେ ଦେଖୁଥିବା ଚିତ୍ତାକର୍ଷକ ମ୍ୟାଜିକଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ବିଶେଷକରି ସାଧାରଣ ଭାବେ ପକେଟ ଓ ହାତ ଜରିଆରେ ବିଭିନ୍ନ ଯାଦୁଖେଳ ଦେଖାଇ ହୁଏ। ବିଭିନ୍ନ ପ୍ରକାରର ଜିନିଷକୁ ଦେଖାଇ ଚମତ୍କାର କରିହୁଏ। ସବୁଠୁ ବଡ଼କଥା ହେଉଛି ଏଥିପାଇଁ କୌଣସି ବଡ଼ମଞ୍ଚ କି ସ୍ୱତନ୍ତ୍ର ସାଜସଜ୍ଜାର ଦରକାର ପଡ଼େନି। କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ କି ସଭାରେ ଅଧଘଣ୍ଟାରେ ବି ବୁଲିବୁଲି ଦର୍ଶକଙ୍କ ମଧ୍ୟରେ ଯାଦୁଖେଳକୁ ଦେଖାଇହୁଏ। ମ୍ୟାଜିସିଆନ ଭାବେ ଓଡ଼ିଶାରେ ହୋଟେଲ ଇଣ୍ଡଷ୍ଟ୍ରିରେ ଚାକିରି ପାଇଲି। ସବୁବେଳେ ଅତିଥିମାନଙ୍କୁ ମ୍ୟାଜିକ ଦେଖାଇ ମନୋରଞ୍ଜନ କରିଆସୁଛି। ବର୍ତ୍ତମାନ କ୍ଲୋଜ୍‌ଅପ ମ୍ୟାଜିକରେ ଏତେ ସୁଯୋଗ ରହିଛି ଯେ ଜଣେ ଦକ୍ଷ ମ୍ୟାଜିସିଆନ ମାସକୁ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିବା କିଛି କଷ୍ଟ ନୁହେଁ। ମ୍ୟାଜିକ୍ ପାଇଁ ଅଭ୍ୟାସ ହିଁ ଅଧିକ ଆକର୍ଷଣ କରିଥାଏ। ମ୍ୟାଜିକ୍‌ରେ କେବଳ କୌଶଳ ଓ ବାକ୍‌ଚାତୁରୀ ଥାଏ। ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର କରିବା ଲାଗି ମ୍ୟାଜିକ ଶୋର ଆୟୋଜନ କରୁଛୁ। ଏଥିପ୍ରତି ଦିନକୁ ଦିନ ଆଗ୍ରହ ବଢୁଛି।

**ଲୋକଙ୍କୁ ଖୁସି ବାଣ୍ଟୁଥିବାରୁ ଖୁସି ଲାଗେ–** ଗଞ୍ଜାମ ଜିଲା ଛତ୍ରପୁର ଅଧୀନ ଲଣ୍ଡାବାଡଉଁଶର ସୁନୀଲ ଜଣେ ଯାଦୁକର। ସେ କୁହନ୍ତି– ପିଲାଦିନରୁ ମୋର ଯାଦୁଖେଳ ଦେଖିବାକୁ ଓ ଦେଖେଇବାକୁ ବହୁତ ଇଚ୍ଛା ଥିଲା। ଦିନେ ମୁଁ ଜଣେ ଯାଦୁକରକୁ ଦେଖିଥିଲି। ସେ ବହୁତ ବିଚକ୍ଷଣ ଯାଦୁ ଦେଖାଉଥିଲେ। ତାଙ୍କର ଯାଦୁ ଦେଖି ମୋ ମନରେ ଆଗ୍ରହ ବଢିଥିଲା। କିନ୍ତୁ ଘରର ସହଯୋଗ ବହୁତ କମ ଥିବାରୁ ସେତେବେଳେ ଯାଦୁବିଦ୍ୟା ଶିଖି ପାରି ନ ଥିଲି। କିଛିଦିନ ପରେ {ଯାଦୁଗର ଜେ. କେ}ଙ୍କ ସହିତ ଦେଖାହୋଇଥିଲି । ସେ ମତେ ବହୁତ ଯାଦୁଖେଳ ଦେଖେଇଲେ ଓ ଶିଖେଇଥିଲେ । ପରେ ଶିଖିଥିବା ଯାଦୁଖେଳକୁ ଲୋକମାନଙ୍କୁ ଦେଖେଇ ବହୁତ ପ୍ରଶଂସା ପାଇଲି। ଦିନେ ସେ ମତେ {ଯାଦୁକର ଅଜୁବା} ଅଚ୍ୟୁତାନନ୍ଦ ଗୌଡ଼ଙ୍କ ସହିତ ସାକ୍ଷାତ୍ କରେଇଲେ। ତାଙ୍କ ଯାଦୁ ଦେଖି ଅଧିକ ମଜ୍ଜିତ ହେଇଗଲି। ସେ ଅନେକ ପ୍ରକାରର ଯାଦୁଖେଳ ଜାଣନ୍ତି। ସେ ବହୁତ ଲୋକଙ୍କୁ ଯାଦୁ ଶିଖେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ମୁଁ ବି ତାଙ୍କ ସହିତ ମିଶିଲା ପରେ ମୋ ଯାଦୁରେ ବହୁତ ପରିବର୍ତ୍ତନ ଆସିଲା। ମୋତେ ସେ କିଛି ଯାଦୁ ଶିଖେଇଲେ ଆଉ ତାଙ୍କ {ଯାଦୁକର ଅଜୁବା} ଗ୍ରୁପରେ ଯୋଗଦେଇଛି। ଏଥିରେ ଲୋକଙ୍କୁ ଖୁସି ବାଣ୍ଟୁଥିବାରୁ ମତେ ଖୁସିଲାଗେ।


**ଯାଦୁ ହେଉଛି ବିଜ୍ଞାନ ଓ ଅଭ୍ୟାସର କଳା–** ପିଲାଦିନେ ସ୍କୁଲରେ ଯାଦୁଖେଳ ଦେଖି ଯାଦୁ ଶିଖିବାକୁ ଆଗ୍ରହ କରିଥିଲେ। ତାପରେ କେତେକ ଯାଦୁବିଦ୍ୟା ବହି ସଂଗ୍ରହ କରି ଆପେଆପେ ଶିଖିବାକୁ ଲାଗିଲେ। ସେ ହେଲେ ସୁଧାଂଶୁ ଦାସ। ଘର କଟକରେ । ସେ କୁହନ୍ତି, ପ୍ରାୟ ୮ ବର୍ଷ ବେଳକୁ ଯାଦୁକର ପି .ଭାସ୍କରଙ୍କ କେତେକ ଯାଦୁ କୌଶଳ ଶିଖିପାରିଲି। ସ୍କୁଲରେ ପଢିଲାବେଳେ ମଧ୍ୟ ଖୁସିରେ ଯାଦୁଖେଳ ଦେଖାଇଲି। ଅନେକ ମତେ ଯାଦୁକର ବୋଲି ଜାଣିଗଲେ। ପରେ ବିଭିନ୍ନ ମଞ୍ଚରେ ଯାଦୁଖେଳ ଦେଖାଇ ଦର୍ଶକଙ୍କୁ ଖୁସି ବାଣ୍ଟିଲି। ମତେ ଅନେକ ପ୍ରଶଂସା କଲେ। ତା'ପରେ ଏକ ଘରୋଇ ସଂସ୍ଥାରେ ଚାକିରି କରିଥିଲି, ମାତ୍ର ଯାଦୁବିଦ୍ୟା ପାଇଁ ଚାକିରି ଛାଡ଼ି ଏବେ ଜଣେ ପେସାଦାର ଯାଦୁକର ଭାବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ସ୍ଥାନରେ ଯାଦୁଖେଳ ପ୍ରଦର୍ଶନ କରିପାରିଛି। ଏଥିଯୋଗୁ ଅନେକ ସମ୍ମାନ ଓ ପୁରସ୍କାର ମିଳିଛି। ଯାଦୁକଳା କିପରି ସମାଜରେ ବିନିଯୋଗ ହୋଇପାରିବ ଏ ବିଷୟରେ ଚିନ୍ତାକରି ଭିନ୍ନକ୍ଷମ ଓ ଜେଲରେ ରହୁଥିବା କେତେକ ବ୍ୟକ୍ତିଙ୍କୁ ଯାଦୁବିଦ୍ୟା ଶିକ୍ଷା ଦେଇ ସଫଳ ହୋଇପାରିଛି। ବିଭିନ୍ନ ସ୍ଥାନରେ ଆୟୋଜିତ ଯାଦୁକର ସମ୍ମେଳନରେ ମଧ୍ୟ ଯୋଗ ଦେଇ କିଛି ଶିଖିପାରିଛି। ଯାଦୁ କହିଲେ ଗୁଣି ଗାରେଡ଼ି ନୁହେଁ। ଆମେ ଯାହା କରୁ, ସବୁ ବିଜ୍ଞାନ ଓ ଅଭ୍ୟାସର କଳା। ଯାଦୁବିଦ୍ୟାର ବିଭିନ୍ନ ବିଭାଗ ରହିଛି। କିନ୍ତୁ ଜଣେ ପେସାଦାର ଯାଦୁକରଙ୍କ ପାଇଁ ଏସବୁ ବିଭାଗ ବିଷୟରେ ଜାଣିବାର ଆବଶ୍ୟକତା ରହିଛି। ଏବେ ରାଜ୍ୟରେ ଯାଦୁକରଙ୍କ ପ୍ରତି ଶ୍ରଦ୍ଧା ରହିଛି । ଏଥିରେ ଅନେକ ରୋଜଗାରକ୍ଷମ ହୋଇ ପାରୁଥିବାରୁ ଅନେକଙ୍କ ଆଗ୍ରହ ବଢୁଛି। ଓଡ଼ିଶାରେ ଘରୋଇ ଭାବେ ଏସ୍ଏସ୍ ଯାଦୁକର ଏକାଡେମୀରେ ଏହି ଶିକ୍ଷା ଓ ତାଲିମ ପ୍ରଦାନ କରାଯାଉଛି। ତେବେ ଯାଦୁବିଦ୍ୟାର ଚମତ୍କାରିତା ଅନେକଙ୍କ ପାଇଁ ମନୋରଞ୍ଜନର ଖୋରାକ ଯୋଗାଇ ଥାଏ । ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର କରିବା ଲାଗି ମ୍ୟାଜିକ ଶୋର ଆୟୋଜନ କରୁଛୁ। ଏଥିପ୍ରତି ଦିନକୁ ଦିନ ଆଗ୍ରହ ବଢୁଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନେକ ଯାଦୁକର ରହିଛନ୍ତି।

**– ବନବିହାରୀ ବେହେରା**


ଜୀବନ ମିଶ୍ର


ଅଚ୍ୟୁତାନନ୍ଦ ଗୌଡ଼ (ଅଜୁବା)




ବିମଳ ବିଶ୍ୱାଳ


ସୁଧାଂଶୁ ଦାସ

# ପ୍ରାଣୀଙ୍କୁ ଭଲ ପାଉଥିବାରୁ...



**ଟମ୍ ଲେପର୍ଡ, ଦି ଲେପର୍ଡ ମ୍ୟାନ୍–** ତାଙ୍କର ପ୍ରକୃତ ନାମ ଟମ୍ ଉଡ୍‌ରିଜ୍। କିନ୍ତୁ ସେ ଲେପର୍ଡ ମ୍ୟାନ୍ ବା ଲେପର୍ଡ ମ୍ୟାନ ଅଫ୍ ସ୍କାଏ ନାମରେ ବେଶି ପରିଚିତ ଥିଲେ। ୧୪ ଅକ୍ଟୋବର ୧୯୩୫ରେ ବ୍ରିଟେନ୍‌ର ଉଡ୍‌ବ୍ରିଜ୍‌ରେ ତାଙ୍କର ଜନ୍ମ। ପ୍ରଥମେ ସେ ସବୁଠାରୁ ଅଧିକ ଟାଟୁ କରିଥିବା ମଣିଷଭାବେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଥିଲେ। ପରେ କିନ୍ତୁ ସେ ସବୁଠାରୁ ଅଧିକ ଟାଟୁ କରିଥିବା ବରିଷ୍ଠ ବ୍ୟକ୍ତିଭାବେ ପରିଚିତ ହେଲେ। ତାଙ୍କର ସାରା ଶରୀରରେ ତଥା ଶରୀରର ୯୭.୫% ଭାଗରେ ସେ ଚିତାବାଘ ଭଳି ଟାଟୁ କରିଥିଲେ। କାରଣ ସେ ଚିତାବାଘକୁ ବହୁତ ପସନ୍ଦ କରୁଥିଲେ। ଏଥିପାଇଁ ସେ ଖର୍ଚ୍ଚ କରିଥିଲେ ୫,୫୦୦ ପାଉଣ୍ଡ। ୮୦ ବର୍ଷ ବୟସରେ ଅର୍ଥାତ୍ ୧୨ ଜୁନ୍ ୨୦୧୬ରେ ତାଙ୍କର ମୃତ୍ୟୁ ହୋଇଥିଲା।

**ଟେଡ ରିଚାର୍ଡସ୍, ଦି ପ୍ୟାରୋଟ ମ୍ୟାନ୍–** ୫୬ ବର୍ଷୀୟ ଟେଡ ରିଚାର୍ଡସ୍ ବ୍ରିଷ୍ଟଲ ୟୁକେ ନିବାସୀ ଅଟନ୍ତି। ତାଙ୍କୁ ଶୁଆ ବହୁତ ପସନ୍ଦ। ଆଉ ଏତେ ପସନ୍ଦ ଯେ, ସେ ନିଜକୁ ଶୁଆ ରୂପରେ ଦେଖିବାକୁ ଚାହିଁଲେ। ଏଇ ନିଶା ତାଙ୍କୁ ଏତେ ଘାରିଲା ଯେ, ସେ ନିଜ ଶରୀର ଖାସ୍ କରି ମୁହଁରେ ଅନେକ ପରିବର୍ତ୍ତନ କଲେ। ୧୯୭୬ ମସିହାରେ ସେ ଶରୀରରେ ପ୍ରଥମ ଟାଟୁ କରାଇଥିଲେ। ମୁହଁରେ ଶୁଆଭଳି ରଙ୍ଗିନ ପରର ଟାଟୁ କରାଇଛନ୍ତି। ପରର ଟାଟୁ ୫ଟି ଭିନ୍ନ ଭିନ୍ନ ରଙ୍ଗରେ କରାଯାଇଛି। ତା’ ସହ ରିସ୍କ ନେଇ ଆଖିରେ ବି ଟାଟୁ କରାଇଛନ୍ତି। କାନକୁ କାଟିଛନ୍ତି, ଯେମିତିକି ସେ ଶୁଆଭଳି ଦେଖାଯିବେ। କାରଣ ଶୁଆର କାନ ବୋଲି ଦୁଇଟି କଣା ହିଁ ଥାଏ। ତା’ ସହ ମୁହଁରେ ୫୦ଟି ପିୟର୍ସିଂ କରାଇଛନ୍ତି ଓ ଜିଭ ବି କାଟିଛନ୍ତି। ଆଉ ଏବେ ସେ ଏମିତି ଜଣେ ସର୍ଜନଙ୍କୁ ଖୋଜୁଛନ୍ତି, ଯେ କି ତାଙ୍କ ନାକକୁ ଥଣ୍ଟର ରୂପ ଦେଇପାରିବ।

**ରଡରିଗୋ ବ୍ରାଗା, ଦି ଡଗ୍ ମ୍ୟାନ୍–** ବ୍ରାଜିଲରେ ରହୁଥିବା ଏହି ବ୍ୟକ୍ତିଙ୍କ ନାମ ହେଉଛି ରଡରିଗୋ ବ୍ରାଗା। ସେ ପେସାରେ ଜଣେ ଆର୍ଟିଷ୍ଟ। ଆଉ ସେ କୁକୁରଙ୍କୁ ବେଶି ଭଲ ପାଆନ୍ତି। ସେ ଚାହୁଁଥିଲେ ତାଙ୍କ ମୁହଁ ବି କୁକୁର ଭଳି ଦେଖାଯାଉ। ତେଣୁ ସେ ଲୋକାଲ ଅଥରିଟିଙ୍କ ଅନୁମତି ନେଇ ଏକ ରୋଗଣା କୁକୁରକୁ ମାରି ସେଇ କୁକୁରର ଚେହେରାକୁ ନିଜ ଚେହେରାରେ ଲଗାଇଲେ। ଚେହେରା ଯୋଡ଼ି ହୋଇଯିବା ପରେ ସେ ସତସତିକା କୁକୁର ଭଳି ଦେଖାଗଲେ। ଆଉ ସେ ଡଗ୍ ମ୍ୟାନ ଭାବେ ପରିଚିତ ହେଲେ।

**ଡେନିସ୍ ଆଭନର୍, କ୍ୟାଟ ମ୍ୟାନ୍–** ଆମେରିକାର ଡେନିସ୍ ଆଭନର୍ ୧୯୫୮ରେ ଜନ୍ମିତ। ପିଲାଟିବେଳୁ ତାଙ୍କୁ ବିଲେଇ ବହୁତ ଭଲ ଲାଗୁଥିଲେ। ବିଲେଇ ପ୍ରେମ ଦେଖି ଦିନେ ଜଣେ ବ୍ୟକ୍ତି ତାଙ୍କୁ ଷ୍ଟକିଂ କ୍ୟାଟ୍ ବୋଲି ଡାକିଥିଲେ। ବଡ଼ ହେବାପରେ ସେ ଆମେରିକୀୟ ନ୍ୟାଭିରେ ସୋନାର୍ ଟେକ୍‌ନିସିଆନ ଭାବେ ଚାକିରି କଲେ। କିନ୍ତୁ ଚାକିରି ତାଙ୍କୁ ଭଲ ଲାଗି ନ ଥିଲା। ଆଉ ସେ ଚାକିରି ଛାଡ଼ିଦେଲେ। ଫଟୋଗ୍ରାଫି କଲେ। ଏଣେ ମନରେ ବିଲେଇ ପ୍ରେମ ବଢ଼ି ବଢ଼ି ଚାଲିଥାଏ। ଶେଷରେ ସେ ଏକ ମାଈ ବିଲେଇ ପରି ଦେଖାଯିବା ଲାଗି ନିଜ ଶରୀରରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଲେ। ୧୪ଟି ସର୍ଜରି କରାଇ ପ୍ରାଣୀ ଭଳି ଦେଖାଯିବା ଲାଗି ସବୁଠୁ ଅଧିକ ସ୍ଥାୟୀ ଟ୍ରାନ୍ସଫର୍ମେଶନ୍ କରିଥିବା ବ୍ୟକ୍ତିଭାବେ ରେକର୍ଡ ବି କଲେ। ମୁହଁରେ ଟାଟୁ କରାଇବା ସହ ଭ୍ରୂଲତା, କପାଳ ଓ ନାକ ବ୍ରିଜ୍ ହାଡ଼ରେ ସର୍ଜରି ଦ୍ୱାରା ମୁହଁର ଆକାର ପରବର୍ତ୍ତନ କଲେ। ନାକକୁ ଚେପା କରାଇ ବିଲେଇ ପରି କଲେ। ଉପର ଓଠକୁ କାଟିବା ସହିତ ପିୟର୍ସିଂ କରାଇଥିଲେ। କାନର ସର୍ଜରି କରାଇ ପଏଣ୍ଟେଡ କରାଇଥିଲେ। ଦାନ୍ତକୁ ମୁନିଆ ଓ ଆଖିରେ ସବୁଜ କଣ୍ଟାକ୍ଟ ଲେନ୍ସ ଲଗାଉଥିଲେ। ତା’ସହ ଏକ ରୋବୋଟିକ୍ ଲାଞ୍ଜ ବି ଲଗାଉଥିଲେ। ଫଳରେ ସେ ଲାଗୁଥିଲେ ଏକ ବିଲେଇ ଅବା ବାଘୁଣୀ ପରି। ତେବେ ସେ ଆଉ ଜୀବିତ ନାହାନ୍ତି। ୫ ନଭେମ୍ବର ୨୦୧୨ରେ ସେ ଆତ୍ମହତ୍ୟା କରିଥିଲେ।

**ଏରିକ୍ ସ୍ପ୍ରଗ୍, ଲିଜାର୍ଡ ମ୍ୟାନ–** ଏରିକ୍ ଲିଜାର୍ଡ ବା ଝିଟିପିଟିକୁ ଏତେ ଭଲ ପାଆନ୍ତି ଯେ, ନିଜକୁ ଝିଟିପିଟିର ଲୁକ୍ ଦେବା ଲାଗି ୬୫୦ ଘଣ୍ଟା ବା ପ୍ରାୟ ୧୦ ବର୍ଷ ସେ ଟାଟୁ ପାର୍ଲରରେ ସମୟ ବିତାଇଛନ୍ତି । ଜିଭକୁ ଦୁଇ ଫାଳ କରିବା ସହ ଭ୍ରୂଲତାରେ ଛୋଟ ଛୋଟ ଟେଫଲନ୍ ବଲ୍ ଇମ୍ପ୍ଲାଣ୍ଟ କରାଇଛନ୍ତି। ଦାନ୍ତ ମୁନିଆ କରାଇଛନ୍ତି। ଝିଟିପିଟି ପରି ଦେଖାଯିବା ପାଇଁ ମୁହଁ, ଆଖିପତା ଓ ଶରୀରର ପ୍ରାୟ ସବୁ ଅଂଶରେ ସେ ସବୁଜ ରଙ୍ଗର ଟାଟୁ କରାଇଛନ୍ତି ଓ ପିୟର୍ସିଂ କରାଇଛନ୍ତି। ଏବେ ସେ ନିଜର ଏକ ଶୋ’ କରୁଛନ୍ତି, ଯେଉଁଥିରେ ସେ ନିଆଁ ଖାଆନ୍ତି, ଖଣ୍ଡା ଗିଳନ୍ତି, ଜୀବନ୍ତ ପୋକଜୋକ ଖାଆନ୍ତି। ଆଗକୁ ସେ ଲାଞ୍ଜ ଇମ୍ପ୍ଲାଣ୍ଟ କରାଇବା ଯୋଜନା ରଖିଛନ୍ତି।


**ହୋରେସ୍ ରିଡଲର୍, ଦି ଜେବ୍ରା ମ୍ୟାନ୍–** ଲଣ୍ଡନ ନିବାସୀ ହୋରେସ୍ ରିଡଲର୍ ଏକ ସ୍ଲାଇଡ ଶୋ ପରଫରମର୍ ଥିଲେ। ଜେବ୍ରା ଥିଲା ତାଙ୍କର ପ୍ରିୟ ପ୍ରାଣୀ। ତାର କଳାଧଳା ପଟି ତାଙ୍କୁ ଆକର୍ଷିତ କରୁଥିଲା। ତେଣୁ ସେ ଜେବ୍ରା ଭଳି କଳା ଧଳା ପଟି ନିଜ ଶରୀରରେ କରାଇଥିଲେ। ଆଉ ନିଜେ ହିଁ ନିଜ ନାମକୁ ବଦଳାଇ ଦି ଗ୍ରେଟ୍ ଓମୀ ବା ଦି ଗ୍ରେଟ ଜେବ୍ରା ରଖିଥିଲେ। ୧୯୬୫ରେ ୮୩ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା। ହୋରେସ୍ ପ୍ରଥମ ବିଶ୍ୱଯୁଦ୍ଧରେ ବି ଅଂଶ ଗ୍ରହଣ କରିଥିଲେ।

**ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ ଜୀବଜନ୍ତୁଙ୍କୁ ଭଲପାଆନ୍ତି। ସେମାନଙ୍କର ସେବା ବି କରନ୍ତି। ତେବେ ଆମେ ଏଠାରେ ଯେଉଁ ବ୍ୟକ୍ତିମାନଙ୍କ କଥା କହୁଛୁ, ସେମାନେ ଜୀବଜନ୍ତୁଙ୍କୁ ଏତେ ଭଲପାଆନ୍ତି ଯେ, ନିଜ ଶରୀରକୁ ପରିବର୍ତ୍ତନ କରି ତାଙ୍କରି ଭଳି ହେବାକୁ ପଛାଇ ନାହାନ୍ତି...**

















# ପରିବେଶ ବନ୍ଧୁ



ନିଜେ ସୁରକ୍ଷିତ ରହିବାକୁ ଚାହଁ ତ ତୁମ ଚାରିପାଖକୁ ସୁରକ୍ଷା ଦିଅ ବୋଲି କଥା ଅଛି। କ୍ଷୟ ହୋଇ ଚାଲିଥିବା ପରିବେଶ ପରିପ୍ରେକ୍ଷୀରେ ଏ ବିଚାର ବେଶ୍ ଗୁରୁତ୍ୱ ବହନ କରେ। ପ୍ରକୃତି ବିନା ଆମ ପାଇଁ ବଞ୍ଚିବା ଅସମ୍ଭବ କିନ୍ତୁ ସଭ୍ୟତାର ବିକାଶ ନାଁରେ ଆମେ ପ୍ରତିମୁହୂର୍ତ୍ତରେ ନଷ୍ଟ କରିଚାଲିଛୁ ପ୍ରକୃତିକୁ। ହେଲେ, ଏଭଳି ଏକ ସମୟରେ ଏମିତି ଜଣେ ମଣିଷ ଅଛନ୍ତି ଯିଏ ନିଜ ଜୀବନକୁ ପ୍ରକୃତିର ଋଣ ବୋଲି ମନେକରନ୍ତି। ଯନ୍ତ୍ରପାତି ସହ କାମ କରିବା ଭିତରେ ପ୍ରକୃତିର ଋଣ ପରିଶୋଧ କରିବାର ଇଚ୍ଛା ପୋଷଣ କରନ୍ତି। ଆଉ ସେହି ଆଗ୍ରହରୁ ପାଲଟିଯାନ୍ତି ପରିବେଶ କର୍ମୀ। ସୃଷ୍ଟି କରନ୍ତି କୃତ୍ରିମ ଅରଣ୍ୟ, ସବୁଜିମା। ଇଏ ହେଲେ ମନୋରଞ୍ଜନ ମିଶ୍ର। ପେସାରେ ମେକାନିକାଲ ଇଞ୍ଜିନିୟର, ହେଲେ ପରିବେଶ ସୁରକ୍ଷା ଚିନ୍ତାରେ ଲଗାଇ ସାରିଲେଣି ଶତାଧିକ ଗଛ। କେବଳ ନିଜେ ଗଛ ଲଗାଉନାହାନ୍ତି, ସ୍କୁଲ କଲେଜଠାରୁ ଆରମ୍ଭ କରି ବିଭିନ୍ନ ଗାଁକୁ ଯାଇ ଗଛ ଲଗାଇବା ଓ ପରିବେଶକୁ ସୁସ୍ଥ ସୁନ୍ଦର କରିବା ପାଇଁ ଲୋକଙ୍କୁ ସଚେତନ କରାଉଛନ୍ତି। ତାଙ୍କ ମତରେ ପ୍ରକୃତିର ଋଣ କେହି କେବେ ହେଲେ ଶୁଝିପାରିବେନି। କିନ୍ତୁ ଆମ ପାଖରେ ଥିବା ସୀମିତ ସମ୍ବଳର ଆମେ ସର୍ବାଧିକ ଉପଯୋଗ କରିବା ଦରକାର। ମନୋରଞ୍ଜନଙ୍କ ଜନ୍ମ ପୁରୀ ଜିଲା ଶ୍ରୀରାମଚନ୍ଦ୍ରପୁରରେ। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଓ ପରେ ବୁର୍ଲା ଇଞ୍ଜିନିୟରିଂ କଲେଜରୁ ପାସ୍ କରିବା ପରେ ସେ ଚାକିରି ଜୀବନ ଆରମ୍ଭ କରନ୍ତି ଓ ଏସ୍‌ଏମ୍‌ଏସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଭାଇସ ପ୍ରେସିଡେଣ୍ଟ ଭାବରେ ୨୦୧୯ ମସିହାରେ ଅବସର ନିଅନ୍ତି।

ମନୋରଞ୍ଜନ କୁହନ୍ତି, ‘‘ଅବସର ଗ୍ରହଣ କରିବା ପୂର୍ବରୁ ଅର୍ଥାତ୍ ୨୦୧୮ ମସିହା ନଭେମ୍ବର ମାସରେ ଦିନେ ମୁଁ ଚିନ୍ତା କଲି ଅବସର ପରେ କ’ଣ କରିବି। ଏଇ ଚିନ୍ତା ପ୍ରାୟ ସମସ୍ତଙ୍କର। କିନ୍ତୁ ମୁଁ ସବୁବେଳେ ଭାବୁଥିଲି ମୁଁ ଯେଉଁଠି ରହୁଛି ସେଇଟା ମୋ ପରିବେଶ ଆଉ ତା’ ପାଇଁ ମୋର କିଛି କରିବାର ଅଛି। ନଚେତ୍ ମୋ ଜୀବନର କିଛି ମୂଲ୍ୟ ନାହିଁ।’ ନିଜ ସହଧର୍ମିଣୀ ସୁଜାତା ମିଶ୍ରଙ୍କ ସହ ମିଶି ମନୋରଞ୍ଜନ ୫-୬ ଜଣ ବାଳିକାଙ୍କ ପାଠପଢାର ଦାୟିତ୍ୱ ହାତକୁ ନେଇଛନ୍ତି ଓ କିଛି ନିମ୍ନ ଆୟ ବର୍ଗର ଲୋକଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଉଛନ୍ତି। ସେ ସବୁବେଳେ ଭାବନ୍ତି- ‘କେବଳ ସରକାରଙ୍କ ଉପରେ ଦୋଷ ଦେଇ ଚୁପ୍ ହୋଇ ବସିଗଲେ ଚଳିବନି। ବରଂ ପ୍ରତ୍ୟେକଙ୍କୁ ନିଜ ସାଧ୍ୟମତେ ପାଦ ବଢ଼େଇବାକୁ ହେବ।’ ସେ କୁହନ୍ତି, ‘‘୬୦ ବର୍ଷ ଯାଏ ମୁଁ ଯେତିକି ଅମ୍ଳଜାନ ନେଇଛି, ପାଣି ପିଇଛି ଭଗବାନ ପ୍ରଶ୍ନ କରିନାହାନ୍ତି ମୁଁ କାହିଁକି ନେଲି ବୋଲି। ତେଣୁ ଭାବିଲି ଯାହା କରିବି ଏବେଠାରୁ କରିବି। ଏଥିପାଇଁ ମୁଁ ଗୋଟେ ମାଧ୍ୟମର ସାହାରା ନେଲି। ତା’ର ନାଁ ହେଲା ‘ଓଡ଼ିଶା ଏନଭାଇରନମେଣ୍ଟାଲ ସୋସାଇଟି’ ; ଯାହାର ମୁଁ ଆଜୀବନ ସଦସ୍ୟ । ସେଠାରେ ଆମେ ‘କ୍ଲିନ୍ ଆଣ୍ଡ ଗ୍ରୀନ୍’ ପ୍ରୋଜେକ୍ଟ ଆରମ୍ଭ କଲୁ, ଯେଉଁଥିରେ ଡକ୍ଟର ପ୍ରଦୀପ ରଥ ରଘୁନାଥ ପୃଷ୍ଟି, ଡକ୍ଟର କଲ୍ୟାଣୀ ମହାନ୍ତି ପ୍ରମୁଖ ମୋ ସହ ସାମିଲ ଅଛନ୍ତି। ପ୍ରଥମେ ଭୁବନେଶ୍ୱର ମୁନିସିପାଲିଟି କର୍ପୋରେସନ (ବିଏମ୍‌ସି)ର ଅନୁମତି ନେଇ ବିଏମ୍‌ସି କମିଶନର, ଆର୍କୋଲୋଜି ସର୍ଭେ ଅଫ୍ ଇଣ୍ଡିଆର ସୁପରିଣ୍ଟେଣ୍ଡେଣ୍ଟ, କର୍ପୋରେଟରଙ୍କୁ ନେଇ ଗୋଟେ ପ୍ରୋଗ୍ରାମ କଲୁ। ଖଣ୍ଡଗିରି ଓ ଉଦୟଗିରିରେ ପ୍ରଥମେ କାମ ଆରମ୍ଭ କଲୁ। ସେଠାରେ ପ୍ଲାଷ୍ଟିକ ଅଳିଆ ଆବର୍ଜନା ସଫା କରିବା ସହ ଗଛ ଲଗେଇଲୁ। ଆମେ ତିନି-ଚାରି ଜଣ ସକାଳ ସାତଟାରେ ପହଞ୍ଚି ଝାଡୁ କରୁ। ୩୭ ଦିନ ଯାଇଛୁ ତା’ ପରେ ଫନୀ ଆସିଗଲା। କିନ୍ତୁ ସେତେବେଳକୁ ଗଛସବୁ ବଞ୍ଚିସାରିଥାଏ। ଆମେ ନିୟମ କରିଥାଉ ‘ଯେଉଁଠି ସଫା କରି ଗଛ ଲଗାଇବୁ। ସେଠାକୁ ଆମେ ପ୍ରତିଦିନ ଅତିକମରେ ଗୋଟେ ମାସେ ଯାଏ ଯାଇ କାମ କରିବୁ। ତା’ ପରେ ମଝିରେ ମଝିରେ ଯାଇ ଦେଖି ଆସୁଥିବୁ। ତା’ପରେ ଆମେ କ୍ୟାପିଟାଲ ହସ୍ପିଟାଲ ପରିସରରେ କାମ ଆରମ୍ଭ କଲୁ। ହସ୍ପିଟାଲ ଆବର୍ଜନା ସଫା ସହ କିଛି ଗଛ ବି ଲଗେଇଲୁ। ସେଠାକାର ଦୋକାନୀ ଓ ବୁଲା ବିକାଳିଙ୍କୁ ସଚେତନ କଲୁ ଡଷ୍ଟବିନ୍ ରଖିବା ପାଇଁ। ତା’ପରେ ଆମେ ବିଭିନ୍ନ ସ୍କୁଲ କଲେଜକୁ ଯାଇ ଆୱାରନେସ୍ ପ୍ରୋଗ୍ରାମ କଲୁ। ଏଥିରେ ପିଲାମାନଙ୍କ ପାଇଁ ବିଭିନ୍ନ କୁଇଜ୍ କାର୍ଯ୍ୟକ୍ରମ କରିବା ସହ ପରିବେଶ ସଚେତନତା ସମ୍ପର୍କରେ ସେମାନଙ୍କୁ ବୁଝାଇବା ସହିତ ଗଛ ଲଗାଇବା ପାଇଁ ପ୍ରବର୍ତ୍ତାଉ। ଏହାଛଡା ବିଭିନ୍ନ ଗାଁକୁ ଯାଇ ଗଛ ଲଗାଇବା ସହ ଲୋକଙ୍କୁ ସଚେତନ କରାଉଛୁ। ୨୦୧୮ ଓ ୨୦୧୯ ମସିହା ଭିତରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗାଁକୁ ମିଶାଇ ଆମେ ୪୮ଟି ଜାଗାକୁ ଯାଇ ଗଛ ଲଗାଇବା ସହ ଲୋକଙ୍କୁ ସଚେତନ କରାଇଛୁ। ଏଥିରେ ୫୯୮୦ ଜଣଙ୍କୁ ଆମର ସଚେତନତା କାର୍ଯ୍ୟକ୍ରମରେ ସାମିଲ କରିଛୁ। ୧୧୫୦ଟି ଗଛ ଲଗାଇ ବଡ଼ କରିଛୁ। ବିଶେଷକରି ଯେଉଁ ଗାଁ ବା ସ୍କୁଲ କଲେଜ ଆମ ସହିତ ମିଶି କାମ କରିବାର ପ୍ରତିଶ୍ରୁତି ଦିଅନ୍ତି ଆମେ ସେଠାକୁ ଯାଇ କାମ କରିଥାଉ। କାରଣ କେବଳ ଗଛ ଲଗେଇଦେଲେ ହେବ ନାହିଁ ତା’ର ଦେଖାଶୁଣା କରିବା ଦରକାର। ସେଥିପାଇଁ ଆମେ ଲଗାଉଥିବା ଅଧିକାଂଶ ଗଛ ବଞ୍ଚିଥାଏ। ଆମେ ଯେଉଁ ଜାଗାରେ ଗଛ ଲଗେଇଥାଉ ସେଠାକାର ଲୋକଙ୍କ ଫୋନ୍ ନମ୍ବର ଆଣି ତାଙ୍କ ସହିତ ଯୋଗାଯୋଗ ବି ରଖିଥାଉ। ଗାଁ ମାନଙ୍କରେ ପ୍ରତି ଘର ଘର ଯାଇ ଗଛ ଲଗାଉ। ମନ୍ଦିର ପ୍ରାଙ୍ଗଣରେ ସଭା କରି ଲୋକଙ୍କୁ ପରିବେଶ ସମ୍ପର୍କରେ ବୁଝେଇଥାଉ। ଏହାପରେ ଆମେ ପ୍ଲାଷ୍ଟିକ କିପରି ପରିବେଶକୁ ନଷ୍ଟ କରୁଛି ସେକଥା ଚିନ୍ତା କରି ତା’ ଉପରେ କାମ କଲୁ। ଆଗରୁ ପ୍ଲାଷ୍ଟିକକୁ ନେଇ କେବଳ ଲୋକଙ୍କୁ ସଚେତନ କରାଉଥିଲୁ। କିନ୍ତୁ ୨୦୨୦ ମାର୍ଚ୍ଚ ୧୩ ତାରିଖରୁ ସିଙ୍ଗଲ ୟୁଜଡ୍ ପ୍ଲାଷ୍ଟିକ ବ୍ୟବହାର ନେଇ ବିଧିବଦ୍ଧ କାମ ଆରମ୍ଭ କଲୁ। ଶନି ମନ୍ଦିର, ଗଣେଶ ମନ୍ଦିର, ସନ୍ତୋଷୀ ମା’ଙ୍କ ମନ୍ଦିରରେ ଆମେ ବ୍ୟାନର ଧରି ଛିଡା ହୋଇ ଲୋକଙ୍କୁ ସଚେତନ କଲୁ। ବିଏମ୍‌ସି କମିଶନରଙ୍କ ପାଖକୁ ଯାଇ ଏ ବିଷୟରେ ଆଲୋଚନା ମଧ୍ୟ କରିଛୁ। ଏହାପରେ ଆମେ ବର୍ଷା ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇ ବଡ଼ ବଡ଼ ହସ୍‌ପିଟାଲ ଓ ଇନଷ୍ଟିଚ୍ୟୁଟ୍ ଆଦି ୩୭ଟି ଜାଗାକୁ ଯାଇଥିଲୁ। ସେଥିମଧ୍ୟରୁ ୧୦-୧୧ଟି ସରକାରୀ କାର୍ଯ୍ୟାଳୟରେ ବର୍ଷା ଜଳ ସଂରକ୍ଷଣର ସୁବିଧା ଅଛି ଏବଂ ସେଗୁଡିକ ଠିକ୍ ଭାବରେ କାର୍ଯ୍ୟ କରୁଛି। ସବୁ ଜାଗାରେ କିପରି ଏହା କାର୍ଯ୍ୟକ୍ଷମ ହୋଇପାରିବ ସେ ବିଷୟରେ ଆଲୋଚନା ହୋଇଛି। ଏହାଛଡା ଆମେ ଗଜପତି ଜିଲାର ମହେନ୍ଦ୍ରଗିରି ପର୍ବତମାଳାର, ସୁରକ୍ଷା ପାଇଁ ଓଇଏସ୍ ଡକ୍ଟର ଏସଏନ୍ ପାତ୍ରଙ୍କ ମାର୍ଗଦର୍ଶନରେ ମହେନ୍ଦ୍ରଗିରି ସମନ୍ୱିତ ବିକାଶ କର୍ମଶାଳାର ଆୟୋଜନ କରିଥିଲୁ।

ମୁଁ ଭାବେ ଯେ ଗତ ୧୫୦ ବର୍ଷ ଭିତରେ ଆମେ ଯେତିକି ଗଛ ନଷ୍ଟ କରିଛୁ, ପରିବେଶର କ୍ଷତି କରିଛୁ, ତା’ ପାଇଁ ଆମକୁ ଆମ ଜୀବନକାଳ ଭିତରେ ବହୁତକିଛି ପରିଶୋଧ କରିବାର ଅଛି। ମୋର ଅନୁରୋଧ, ପ୍ରତ୍ୟେକେ ନିଜ ଜୀବନକାଳ ଭିତରେ ଅତିକମରେ ୬ଟି ବଡ ଗଛ ଲଗାନ୍ତୁ, ଯେମିତି କି ଭଗବାନଙ୍କ ପାଖରେ ଦୋଷୀ ହେବେ ନାହିଁ ଆଉ ନିଜର ପିଲାମାନଙ୍କୁ ପରିବେଶ ସୁରକ୍ଷାକୁ ନେଇ ଯେତେସମ୍ଭବ ସାମିଲ କରନ୍ତୁ। ଏସବୁ କରିପାରିଲେ ହିଁ ଆମେ ପରବର୍ତ୍ତୀ ପିଢ଼ିଙ୍କ ପାଇଁ କିଛି କରିପାରିଲୁ ବୋଲି ଭାବିବା।

**- ରୋଜାଲିନ୍ ମହାନ୍ତି**












# ଚା' କପ୍

## ଡା. ମଞ୍ଜୁବାଳା ପଣ୍ଡା

**ସେ**ଠି ସେମିତି ଥାଉ ସେ ଅଇଁଠା ଚା' କପ୍
କିଚେନ୍ ସ୍ଲାବ୍‌ର ସେଇ ବେସିନ୍ ପାଖରେ ।

ସେଇ ନିର୍ଦ୍ଦିଷ୍ଟ କପ୍‌ରେ ସେଦିନ ସେ ଚା' ପିଇଥିଲା
ଶେଷ ଥର ପାଇଁ ଯେବେ ମୋ ପାଖକୁ ଆସିଥିଲା
ତା' ଫିକାହସ ତଳେ କେତେ ଯେ ଲୁହ ଲୁଚିଥିଲା
ମୋ ଓଠ ବି ତ ମିଛିମିଛିକା ହସି ସତସତିକା କାନ୍ଦୁଥିଲା !

ସେ ଚା'କପ୍‌କୁ ଦେଖି ମୁଁ ଚା' ପିଇଲା ବେଳେ
କେତେବେଳେ ଲୁହ ସୁଡୁକି ହୁଏ
କେତେବେଳେ ହସ ଛିଟିକି ଯାଏ
କେତେବେଳେ ସ୍ମୃତି ଉତୁରି ଆସେ
ତ ପୁଣି କେବେ ତା'ଦେହର ବାସ୍ନା ବତୁରି ଆସେ !!

ଚିନାମାଟି ଚା' କପ୍ ଭାଗ୍ୟକୁ ମୁଁ ଈର୍ଷା କରୁଛି
ମୋ ପ୍ରେମକୁ ଯେ ସେ ସାଇତି ରଖିଛି
ମୋ ନିପାରିଲାପଣକୁ ଉପହାସ କରୁଛି
ନା ମୋ ପ୍ରେମିକପଣକୁ ଧିକ୍କାରୁଛି !!!

ସେଠି ସେମିତି ଥାଉ ସେ ଅଇଁଠା ଚା' କପ୍
କିଚେନ୍ ସ୍ଲାବ୍‌ର ସେଇ ବେସିନ୍ ପାଖରେ ।

*-ଅଭୀପ୍ସା, ରେଲୱେ ଷ୍ଟେଶନ
ରୋଡ, ବଲାଙ୍ଗୀର,
ମୋ: ୯୪୩୭୧୫୧୪୦୫*

# କହି ଦେଉଥାଇ ପରକୁ

## ଝୁନିଲତା ବହିରା

**ଦା**ସ ବାବୁ ... ମୋର ପଡ଼ୋଶୀ । ବୟସ ଚାଳିଶ ଟପିଲାଣି । କିନ୍ତୁ ଆଜି ବି ଖୁବ୍ ଷ୍ଟାଇଲିଷ୍ଟ ,ପଚିଶ ବର୍ଷର କଲେଜ ପଢୁଆ ଟୋକା ପରି । ଗୋରା ତକ ତକ ଦେହକୁ ଖୁବ୍ ଆକର୍ଷଣୀୟ ଉଚ୍ଚତା ।
ସବୁଦିନ ସକାଳୁ ନିଜ କାର ଧରି କୁଆଡ଼େ ବାହାରି ଯାଆନ୍ତି । ସେ ଗଲା ପରେ ବି ସେ ଏରିଆଟା ପର୍ଫ୍ୟୁମରେ ମହକୁ ଥାଏ ।
ସ୍ତ୍ରୀ ନିରା ଭାଉଜ ।
ନିହାତି ବାଲୁରୀ । କାଳୀ ଯେ ତ୍ରିପଣ୍ଡ କାଳୀ । ଚାଲିଗଲେ ଝାଳ ଗନ୍ଧଉ ଥାଏ ।
କେମିତି ଏ ଭାଉଜଙ୍କୁ ଭାଇ ବାହା ହେଲେ ଭାବି ମୋ ମୁଣ୍ଡ ବୁଲାଏ ।
ପୁଣି ଏକାଠି ଗୋଟିଏ ଛାତ ତଳେ ରହିଲେଣି ଆଜକୁ ଅଠର ବର୍ଷ ।
ଦୁର୍ଭାଗ୍ୟକୁ ପିଲାଟିଏ ବି ନାହିଁ ।
ଭାଇ କାହା ମୁହଁ ଚାହିଁ ସଂସାର ପାର ହେବେ ।
କଲୋନୀରେ ଭାରି ଚର୍ଚ୍ଚା ତାଙ୍କରି କଥା । କେତେଜଣ ଘର ଭଙ୍ଗାଙ୍କୁ ସେ ଖୁବ୍ ଖୋରାକ ଯୋଗାନ୍ତି ଚର୍ଚ୍ଚା ପାଇଁ ।
ମନ ପରିବର୍ତ୍ତନ ପାଇଁ ସେ କାଳେ ବାହାରେ ଅନେକ ରଖିଛନ୍ତି, ହେଲେ ମାଗି ଆଣିବା ଡୁଉଣରେ କ'ଣ ପେଟ ପୂରୁଛି.. ? ?
ହଠାତ୍ ଦାସବାବୁଙ୍କ ଘରେ ଛୋଟ ପିଲାଟିର କୋଳାହଳ... ।
ସେ କାଳେ ଝିଅଟିଏ ଗ୍ରହଣ କରିଛନ୍ତି... ପୋଷ୍ୟ ସନ୍ତାନ ହିସାବରେ ।
ଖୁବ୍ ଖୁସିର କଥା ।
ହେଲେ ମୋହନୀ ମାଉସୀର ଭାରି ତଣ୍ଟିକୁ ଲାଗୁଛି ।
'ଯେତେହେଲେ ନିଜ ରକତ ଆଉ ପର ରକତ, ଫରକ ରହିବ ନା, ସେ କ'ଣ ପଚାରିବ ଏଙ୍କୁ, କେଜାଣି... ସେଇ ଜଗନ୍ନାଥଙ୍କୁ ଜଣା.. ? ?'
ମୋହନୀ ମାଉସୀର ନିଜ ରକତ ମାନେ ମାଉସୀକୁ ଏଇ ଛୋଟ ସହରରେ ଏକୁଟିଆ ଛାଡ଼ି କେବେଠୁ ବମ୍ବେରେ ରହୁଛନ୍ତି ।
ମାଉସୀ ହାତରେ ଦିଇଟା ଫୁଟେଇ ଖାଇଲା ପରେ ବାକି ସମୟ ବୁଲୀ ମାଉସୀ ପାଖରେ ଗୁଲି ଖଟିରେ ହିଁ ସାରୁଛି.. ? ? ଓଷଧ ପାଣି ପାଇଁ କାହାକୁ ଟିକେ ନେଉରା ନ ହେଲେ ନ ହୁଏ.. !!
ତଥାପି..
ଆହାଃ... !!
ମଣିଷ କେବେ କ'ଣ ଶିଖିପାରେ ନିଜ ଦୟନୀୟତା ପରେ ବି.. ? ?

*-ଫୁଲନଖରା ,ଭୁବନେଶ୍ୱର
ମୋ-୯୪୩୮୦୩୧୨୩*

# କାଙ୍ଗୁଟା

## ବନ୍ଦିତା ଦାଶ

**ଯେ**ତେ ଦୂରେ ରହିଲେ ବି
ବେଳ ଅବେଳରେ
ଖିଅଟିଏ ସ୍ମୃତି
ଧସେଇ ପଶିଆସି
କ୍ଷତ ସବୁ ଆଙ୍କି ବସେ
ଦେହ ଓ ମନରେ ।
ସେଇ ବେଳେ ନ କହିବା ପୂର୍ବରୁ
ଜଣା ପଡ଼ିଯାଏ ତାକୁ
ମୋ ଲୁହରୁ ଚିତ୍କାର ଭଳି
ଫିଟି ପଡୁଥିବା
ହୋ ହୋ ହସ... ।
ଉଦାସିଆ ଅମାରାତି
ଡରେଇଲାବେଳେ
ସେ ହିଁ ହାତରେ ହାତ ଥାପି
ଆଶ୍ୱାସନା ଦିଏ ,
ନ ଡରିବାକୁ ବାରମ୍ବାର
ମନକୁ ବୁଝାଏ ।

ବିଶ୍ୱାସ କଅଁଳିଯାଏ
ଥୁଣ୍ଟା ଗଛଟିରେ ।
ଘାସଫୁଲ ପୁଣି ଛିଡ଼ାହୁଏ,
ଟିକି ଟିକି ଆଖିମେଲି
ଆକାଶକୁ
ଛୁଇଁବାକୁ ମନକରେ... ।

*-ନର୍ଥ କଲୋନୀ,
କାଂଶବାହାଲ, ସୁନ୍ଦରଗଡ
ମୋ:୮୦୧୮୦୯୮୯୨୮*





ଦିଶା

# ଦିନ କେଇଟା ପରେ...

ଅଭିନେତା-କମ୍-ପ୍ରଯୋଜକ ଫରହାନ ଅଖତର ଏବେ ଦିନ ଗଣିବାରେ ଲାଗିଛନ୍ତି। କାରଣ ଯେଉଁ ଦିନକୁ ସେ ଅପେକ୍ଷା କରିଥିଲେ ତାହା ପାଖେଇ ଆସୁଛି। ସେହି ଦିନଟି ହେଲା ଜୁଲାଇ ୧୬। ଏହି ଦିନ ସେ ଅଭିନୟ କରିଥିବା ଫିଲ୍ମ 'ତୁଫାନ୍' ଓଟିଟି ଫର୍ମାଟରେ ରିଲଜ ହେବ। ଗତ ମାସ ୩୦ରେ ଉକ୍ତ ଫିଲ୍ମର ଟ୍ରେଲର ରିଲିଜ ହୋଇଥିଲା। ଏ ସମ୍ପର୍କରେ ଫରହାନ କହନ୍ତି, 'ଏହି ଫିଲ୍ମର ଟ୍ରେଲର ଦେଖି ଅନେକ ସିନେପ୍ରେମୀ ଏହାକୁ ପ୍ରଶଂସା କରିଛନ୍ତି। ବିଶେଷଭାବରେ ମୋ ଭୂମିକାକୁ ନେଇ ଯେଉଁ ଆଶା ରଖିଥିଲି ତାହା ସତ ହେବ ବୋଲି ଜାଣିସାରିଲିଣି। ଏହି ଫିଲ୍ମଟି ଗତ ବର୍ଷ ଡିସେମ୍ବରରେ ରିଲିଜ ହୋଇଥାଆନ୍ତା, ହେଲେ କରୋନା ପାଇଁ ତାହା ସମ୍ଭବ ହୋଇ ନ ଥିଲା।' 'ତୁଫାନ୍' ଚଳଚ୍ଚିତ୍ରରେ ଫରହାନ୍‌ଙ୍କ ନାୟିକା ସାଜିଛନ୍ତି ମୃଣାଳ ଠାକୁର। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ରାକେଶ ଓମ୍‌ପ୍ରକାଶ ମେହେରା।



ଫରହାନ

# ଚତୁରୀ କ୍ୟାଟ୍ରିନା

କେତେବେଳେ କେଉଁଭଳି କଥା କହିଲେ ତାହା ଆଲୋଚନା ପାଇଁ ଖୋରାକ ଯୋଗାଏ ତାହାର କାଇଦା କ୍ୟାଟ୍ରିନାଙ୍କୁ ଭଲ ଭାବରେ ମାଲୁମ। ଦେଖୁନାହାନ୍ତି, ନିଜ ବ୍ୟକ୍ତିଗତ ଜୀବନ କଥା ପଡିଲା ବେଳକୁ ସେ କେମିତି ପ୍ରସଙ୍ଗ ବଦଳାଇ ମଡେଲିଂ ବିଷୟରେ ଆଲୋଚନା କରୁଛନ୍ତି। କଥା କ'ଣ କି ନିକଟରେ କ୍ୟାଟ୍ରିନା ଏକ ଭର୍ଚୁଆଲ ମଡେଲିଂ ଶୋ'ରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସେ ନିଜ ବଲିଉଡ୍ କ୍ୟାରିୟର ବିଷୟରେ ବେଶ୍ କିଛି ସମୟ କହିଲେ। ହେଲେ ଯେତେବେଳେ 'କେବେ ଘର ସଂସାର କରିବ' ବୋଲି ପ୍ରଶ୍ନ କରାଗଲା ତାହାକୁ ସେ ଏଡାଇ ଦେଇଥିଲେ। ଆଉ କହିଥିଲେ ଯେ, 'ଏବେ ଘର ସଂସାର କରିବାର ସମୟ ହୋଇନାହିଁ। ଯେତେବେଳେ ସେହି ଶୁଭ ସମୟ ଆସିବ ମୋ ପଟରୁ ମୁଁ ନିଶ୍ଚୟ ଜଣାଇ ଦେବି। ବର୍ତ୍ତମାନ ମୁଁ ମୋ ଆକ୍ଟିଂ ପ୍ରତି ଅଧିକ ଧ୍ୟାନ ଦେଉଛି। କାରଣ ସେଥିପାଇଁ ମୁଁ ଆଜି ଦର୍ଶକ ନିକଟରେ ପହଞ୍ଚି ପାରିଛି।' ତେବେ କ୍ୟାଟ୍ରିନା କେବେ ସତ ସତିକା ବୋହୂ ସାଜୁଛନ୍ତି ତାହା ଦେଖିବାକୁ ବାକି ରହିଲା।



# ବିକିନି ପାଇଁ ଟେନସନ

ଦିଶା ପଟାନି ଏବେ ଟେନସନରେ। ସେ ସାଇନ୍ କରିଥିବା ନୂଆ ସିନେମାର ଏକ ସିକୁଏନ୍ସ ପାଇଁ ତାଙ୍କ ଆଖିରୁ ନିଦ ହଜିଯାଇଛି। କାରଣ ଏଥିରେ କେତୋଟି ଗରମାଗରମ ସିନ୍ ପାଇଁ ଶଟ୍ ତ ଦେବାକୁ ପଡିବ। ତା'ବ୍ୟତୀତ ବିକିନି ପିନ୍ଧି ସୁଇମିଙ୍ଗ ପୁଲ୍‌ରେ ଶଟ୍ ଦେବେ। ଏକଥା ଜାଣିବା ପରେ ସେ ଏ ନେଇ କି ନିଷ୍ପତ୍ତି ନେବେ ଜାଣିପାରୁନାହାନ୍ତି। ଏହି ଫିଲ୍ମ ବିଷୟରେ ଦିଶା କହନ୍ତି, 'ଏହି ନୂଆ ସିନେମାର କାହାଣୀ ମୋତେ ପ୍ରଭାବିତ କରିଛି। ମୋର ଭୂମିକା ମଧ୍ୟ କୌଣସି ଗୁଣରେ କମ୍ ନୁହେଁ। ହେଲେ ଏଥିରେ ମୋତେ କେତୋଟି ବୋଲଡ୍ ଶଟ୍ ଦେବା ସହ ବିକିନି ପିନ୍ଧିବାକୁ ପଡିବ। ସେପଟେ ଦେଖିଲେ ଏପରି ସିକୁଏନ୍ସର ସଂଯୋଗ କାହାଣୀ ସହ ରହିଛି। ତେବେ ଏଥିପାଇଁ ମୁଁ ରାଜି ହେବି କି ମନା କରିଦେବି ଜାଣିପାରୁନାହିଁ। ସେଥିପାଇଁ ପ୍ରଯୋଜକଙ୍କ ନିକଟରୁ ଦୁଇ ସପ୍ତାହ ସମୟ ନେଇଛି। ତା' ଭିତରେ ଯାହା ନିଷ୍ପତ୍ତି ନେବି।' ତେବେ ଏହି ଅଫରକୁ ଦିଶା ଗ୍ରହଣ କରୁଛନ୍ତି ନା ହାତଛଡା କରୁଛନ୍ତି ତାହା ଖୁବ୍ ଶୀଘ୍ର ଜଣାପଡିଯିବ।

# ଟିପ୍ସ ବାଣ୍ଟୁଛନ୍ତି ଦୀପିକା

ଦୀପିକା ପାଦୁକୋନ୍ ଏବେ ଟିପ୍ସ ବାଣ୍ଟିବାର ବ୍ୟସ୍ତ। ହେଲେ କାହା ଉପରେ ସେ ଟିପ୍ସ ବାଣ୍ଟୁଛନ୍ତି ଜାଣିବେନି ? ନିଜକୁ କିପରି ଫିଟ୍ ରଖିବେ ସେ ନେଇ ଏହି ଅଭିନେତ୍ରୀ ତାଙ୍କର ସାଙ୍ଗମାନଙ୍କୁ ପରାମର୍ଶ ଦେଉଛନ୍ତି। କଥା କ'ଣ କି ଯେହେତୁ ଏବେ ଶୁଟିଂ ନାହିଁ, ତେଣୁ ଘରେ ରହି ନିଜର ଫିଟ୍‌ନେସ ପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି ଦୀପିକା। ଏ ସମ୍ପର୍କରେ ସେ କହନ୍ତି, 'ମୁଁ ସବୁବେଳେ ମୋ ଫିଟ୍‌ନେସ ପ୍ରତି ବେଶ୍ ସଚେତନ ଥାଏ। ପ୍ରତିଦିନ ଏକ୍ସରସାଇଜ କରିବାକୁ ଆଦୌ ଭୁଲି ନ ଥାଏ। ତା'ସହ ଯୋଗ, ପ୍ରାଣାୟାମ ମଧ୍ୟ କରିଥାଏ। ନିକଟରେ ମୋର କେତେଜଣ ସାଙ୍ଗ ମୋତେ ମୋ ଫିଟ୍‌ନେସ ରହସ୍ୟ ବିଷୟରେ ପଚାରିଥିଲେ। ବାସ୍, ତା'ପରେ ଏ ସମ୍ପର୍କରେ ମୁଁ ସେମାନଙ୍କୁ କିଛି ଟିପ୍ସ ଦେଇଥିଲି। ଏବେ ତ କରୋନା ପ୍ରକୋପ କେତେକାଂଶରେ କମିଛି। ଆଶା ରଖିଛି ଫିଲ୍ମଗୁଡିକର ଶୁଟିଂ ପାଇଁ ଶୀଘ୍ର ଅନୁମତି ମିଳିଯିବ। ମୁଁ ସାଇନ୍ କରିଥିବା କେତୋଟି ସିନେମାର ଶୁଟିଂ ଆରମ୍ଭ ହେବାର ଅଛି। ସେପଟେ ମୋତେ ଯେଉଁ ନୂଆ ଅଫର ମିଳୁଛି ତାହାକୁ ନେଇ ମୁଁ ଫାଇନାଲ ଡିସିସନ ନେଇପାରୁନାହିଁ। କାରଣ ସେଗୁଡିକ ପାଇଁ ଡେଟ୍ ସମସ୍ୟା ଭାବରେ ଠିଆ ହୋଇଛି।' ଖାସ୍ କଥା ହେଲା କିଛି ମାସର ଗ୍ୟାପ୍ ପରେ ଦୀପିକା ଏବେ ପୁଣି ଥରେ ସୋସିଆଲ ମିଡିଆରେ ସକ୍ରିୟ ହୋଇଛନ୍ତି। ସେ ଯୋଗ କରୁଥିବା ଫଟୋ ଏଥିରେ ଅପଲୋଡ୍ କରିବା ପରେ ସେଗୁଡିକ ବେଶ୍ ଭାଇରାଲ ହୋଇଛି।





# ସୋହମଙ୍କ ନୂଆ ଅବତାର

ଅଭିନେତା ସୋହମ ସିଂ ଏକ ଭିନ୍ନ ଭୂମିକାରେ ଖୁବ୍ ଶୀଘ୍ର ଦର୍ଶକଙ୍କ ସାମନାକୁ ଆସିବେ। ଆଉ ଏପରି ଭୂମିକାରେ ସଫଳ ହେବାକୁ ସେ ଆଶା ରଖିଛନ୍ତି। ପ୍ରସ୍ତୁତ ହେବାକୁ ଯାଉଥିବା ନୂଆ ସିନେମା 'ରାଉଡି ରାଜା'ର ଟାଇଟଲ ଭୂମିକାରେ ଏହି ୟଙ୍ଗ ସେନସେସନଙ୍କୁ ଦେଖିବାକୁ ମିଳିବ। ଏକ ଭିନ୍ନ ଧରଣର ଆକ୍ସନ ଡ୍ରାମା ଏବଂ ପ୍ରେମ କାହାଣୀକୁ ଆଧାର କରି ଏହି ଫିଲ୍ମଟି ନିର୍ମାଣ ହେବାକୁ ଯାଉଛି। ଉକ୍ତ ରହସ୍ୟ ରୋମାଞ୍ଚଭରା କାହାଣୀଟିକୁ ଲେଖିଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ ଏବଂ ତାହାକୁ ଆଧାର କରି ସଂଳାପ ରଚନା ଦାୟିତ୍ୱ ମଧ୍ୟ ସେ ତୁଲାଇଛନ୍ତି। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିବେ 'ଅଜାତ ଶତ୍ରୁ' ଏବଂ 'ଲଭ୍ ୟୁ ପ୍ରିୟା'ର ନାୟକ ସାଜିଥିବା ସୋହମ ସିଂ। ଏ ବିଷୟରେ ସେ କହନ୍ତି, 'ଫିଲ୍ମର କାହାଣୀରେ ନୂତନତ୍ୱ ରହିଛି। ବିଶେଷଭାବରେ ଏଥିରେ ଆକ୍ସନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସତ କଥା କହିବାକୁ ଗଲେ ଯେଉଁଭଳି ଚରିତ୍ରଟିଏ ମୁଁ ଖୋଜୁଥିଲି ତାହା ଏହି ଫିଲ୍ମରେ ମୋତେ ମିଳିଯାଇଛି।' ନବାଗତ ପ୍ରଯୋଜକ କମଲ କୁମାର ମହାନ୍ତିଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରମେଶ ରାଉତ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ଅନ୍ୟତମ ସ୍ୱର ସଂଯୋଜକ ଅଭିଜିତ୍ ମଜୁମଦାର। ଏହି ଫିଲ୍ମରେ ସୋହମଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ଶ୍ରଦ୍ଧା ପାଣିଗ୍ରାହୀ। ତେବେ ଉକ୍ତ ସିନେମାରେ ସୋହମ-ଶ୍ରଦ୍ଧା ଯୋଡି କି କମାଲ କରୁଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ। ଏହି ଯୋଡ଼ି ବ୍ୟତୀତ ବବି ମିଶ୍ର ଏବଂ ପିଣ୍ଟୁ ନନ୍ଦଙ୍କୁ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।

# ଶାହରୁଖଙ୍କ ପ୍ରଶଂସାରେ ଆଲିୟା

ମହେଶ ତନୟା ଆଲିୟାଙ୍କ ଖୁସି କହିଲେ ନ ସରେ। କାରଣ ସେ ଏବେ ଶାହରୁଖଙ୍କ ସହ ଫିଲ୍ମ ପ୍ରଯୋଜନା କରିବାକୁ ଯାଉଛନ୍ତି। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ସେ ମଧ୍ୟ ଅଭିନୟ କରିବେ। ଶାହରୁଖଙ୍କ ହୋମ୍ ବ୍ୟାନର ରେଡ୍ ଚିଲିଜ ଏଣ୍ଟରଟେନମେଣ୍ଟ ଏବଂ ଆଲିୟାଙ୍କ ହୋମ ବ୍ୟାନର ଇଟରନାଲ ସନସାଇନ୍ ପ୍ରଡକ୍ସନ ପକ୍ଷରୁ ଏକ ନୂଆ ସିନେମା ନିର୍ମାଣ ହେବାକୁ ଯାଉଛି। ଏହାର ଟାଇଟଲ ରହିଛି 'ଡାର୍ଲିଂସ'। ଏ ସମ୍ପର୍କରେ ଆଲିୟା କହନ୍ତି, 'ଯେତେବେଳେ ଶାହରୁଖ ମୋତେ ଏ ନେଇ ଅଫର ଦେଲେ ସେତେବେଳେ ମୋର ଖୁସିର ସୀମା ରହି ନ ଥିଲା। କାରଣ ଶାହରୁଖଙ୍କ ପରି ଅଭିନେତାଙ୍କ ସହ ଫିଲ୍ମ ପ୍ରଯୋଜନା କରିବା ଭାଗ୍ୟରେ ଥିଲେ ମିଳେ। ପୂର୍ବରୁ ତାଙ୍କ ସହ ମୁଁ ଅଭିନୟ କରିସାରିଛି। ସେହି ସମୟରେ ଆକ୍ଟିଂ ବିଷୟରେ ତାଙ୍କ ନିକଟରୁ ଅନେକ କଥା ଶିଖିଛି। ମୋଟ ଉପରେ କହିବାକୁ ଗଲେ ଅଭିନୟ କ୍ଷେତ୍ରରେ ସେ ହେଉଛନ୍ତି ମୋର ମାର୍ଗଦର୍ଶକ।' ଏହି ଫିଲ୍ମର ପ୍ରାରମ୍ଭିକ କାମ ଶେଷ ହୋଇଛି ଏବଂ ଅନୁମତି ମିଳିଲେ ଏହାର ଶୁଟିଂ ଆରମ୍ଭ ହେବ ବୋଲି ଆଲିୟା ସୂଚନା ଦେଇଛନ୍ତି।



ପ୍ରଥମ ରୋଜଗାର

# ନୃତ୍ୟରୁ ମିଳିଥିବା ଟଙ୍କା ଘରେ ଦେଇଥିଲି



ଓଡ଼ିଶୀ ନୃତ୍ୟଶିଳ୍ପୀ ଚିରସ୍ରୋତା ଖୁଣ୍ଟିଆ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପୁରୀ ଜିଲା ସାକ୍ଷୀଗୋପାଳଠାରେ ମୋ ଜନ୍ମ। ସତ୍ୟବାଦୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରି ପୁରୀ ଏସ୍.ସି.ଏସ୍ କଲେଜରେ ଗ୍ରାଜୁଏଶନ୍ ଯାଏଁ ପଢ଼ିଲି। ପାଠରେ ଭଲ ଥିଲେ ବି ଯେହେତୁ ଓଡ଼ିଶୀ ନୃତ୍ୟ ପ୍ରତି ଦୁର୍ବଳତା ଥିଲା, ତେଣୁ ସେତିକିରେ ପାଠପଢ଼ା ବନ୍ଦ କରି ଓଡ଼ିଶୀ ନୃତ୍ୟରେ କ୍ୟାରିୟର୍ କରିବା ପାଇଁ ମନୋନିବେଶ କଲି। ଅବଶ୍ୟ ଓଡ଼ିଶୀ ନୃତ୍ୟଶିକ୍ଷା ମୋର ୩ ବର୍ଷରୁ ଆରମ୍ଭ ହୋଇଯାଇଥିଲା। କେବଳ ଓଡ଼ିଶୀ ନୁହେଁ, ଗୀତ ଶିଖିବା ପାଇଁ ବି ବାପା ମୋ ନାଁ ସାକ୍ଷୀଗୋପାଳସ୍ଥିତ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟରେ ଲେଖାଇ ଦେଇଥିଲେ। କିନ୍ତୁ ସମୟକ୍ରମେ ପାଠପଢ଼ାର ଚାପ ବଢ଼ିବାରୁ ଏକକାଳୀନ ନାଚ ଓ ଗୀତ ଶିଖିବାକୁ ମୋତେ କଷ୍ଟ ହେଲା। ତେଣୁ ବାଧ ହେଲି ଗୀତ ଛାଡ଼ି କେବଳ ଓଡ଼ିଶୀ ନୃତ୍ୟ ଶିଖିବାକୁ। ବିଭିନ୍ନ ସମୟରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟକୁ ବହୁ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁମାନେ ଆସି ପିଲାମାନଙ୍କୁ ଓଡ଼ିଶୀ ଶିକ୍ଷା ଦେଉଥିଲେ। ମୁଁ ମଧ ସେହି ଗୁରୁମାନଙ୍କଠାରୁ ନୃତ୍ୟ ଶିକ୍ଷା ନେଉଥିଲି। ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ୍ ଥିଲେ ମୋର ପ୍ରଥମ ଓଡ଼ିଶୀ ନୃତ୍ୟଗୁରୁ। କାଳକ୍ରମେ ଗୁରୁ ରସାନନ୍ଦ ସେଠୀ, ଗୁରୁ ଅଶୋକ କୁମାର ଦାସ, ଗୁରୁ ନାରାୟଣ ପାଣ୍ଡେ, ଗୁରୁ ଶ୍ରୀମତୀ ମିନତି ପ୍ରଧାନ, ଗୁରୁ କସ୍ତୁରୀ ପଟ୍ଟନାୟକ, ଗୁରୁ ମନୋରଞ୍ଜନ ପ୍ରଧାନ, ଗୁରୁ ଲିଙ୍ଗରାଜ ବେହେରା ପ୍ରମୁଖ ବିଶିଷ୍ଟ ନୃତ୍ୟ ଗୁରୁଙ୍କଠାରୁ ନୃତ୍ୟ ଶିକ୍ଷା ଗ୍ରହଣ କରିବା ସହ ଚଣ୍ଡୀଗଡ଼ସ୍ଥିତ ପ୍ରାଚୀନ କଳାକେନ୍ଦ୍ରରୁ ଓଡ଼ିଶୀ ନୃତ୍ୟରେ ବିଶାରଦ ବି କଲି। ତେବେ ଅଧୁନା ମୁଁ ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କଠାରୁ ନୃତ୍ୟ ଶିକ୍ଷା ଗ୍ରହଣ କରୁଛି। ତା' ସହିତ ଯା' ଭିତରେ ମୁଁ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ବହୁ ସମ୍ମାନ ଓ ପୁରସ୍କାର ମଧ ପାଇସାରିଛି। ଯେମିତିକି ଶ୍ରୀକ୍ଷେତ୍ର ଉତ୍ସବ, ପୁରୀ କୁମାର ଉତ୍ସବ, ଗୁଣ୍ଡିଚା ଉତ୍ସବ, ବସନ୍ତ ଉତ୍ସବ ରଘୁରାଜପୁର, ସତ୍ୟବାଦୀ ସଙ୍ଗୀତ ଓ ନୃତ୍ୟ ଉତ୍ସବ, ୨୦୧୭ ଓ ୨୦୧୮ରେ ଭୁବନେଶ୍ୱର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ, ଭୁବନେଶ୍ୱର ମାହାରୀ ଉତ୍ସବ, ଆଣ୍ଡାମାନ ଦ୍ୱୀପ ମହୋତ୍ସବ, କାଞ୍ଚନଜଙ୍ଘା ମହୋତ୍ସବ, ସିକିମ୍ ଓ ଇଣ୍ଡୋରୁସିଆ ଉତ୍ସବ, କୋଲକାତାରେ ଅନୁଷ୍ଠିତ ନୃତ୍ୟ ରୂପା ଉତ୍ସବ ଇତ୍ୟାଦି ଅନ୍ୟତମ। ସେହିପରି ମିଳିଥିବା ସମ୍ମାନ ମଧ୍ୟରେ ଇନ୍ଦ୍ରଧନୁ ସମ୍ମାନ, ନୃତ୍ୟଶ୍ରୀ ସମ୍ମାନ, ନୃତ୍ୟ ଚାରୁଶିଳା ରାଷ୍ଟ୍ରୀୟ ପୁରସ୍କାର ତଥା ସିଂହାରୀ ଶ୍ୟାମସୁନ୍ଦର କର ସମ୍ମାନ ଇତ୍ୟାଦି। ଏହାଛଡ଼ା ଦୂରଦର୍ଶନ ତରଫରୁ ମୋତେ ବି-ଗ୍ରେଡ ଆର୍ଟିଷ୍ଟର ମାନ୍ୟତା ମିଳିଛି। ଏପରିକି ୨୦୧୪-୧୫ ମସିହାରେ ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ମୁଁ ନ୍ୟାଶନାଲ୍ ସ୍କଲାର୍‌ଶିପ୍ ବି ପାଇଛି। ତେବେ ଓଡ଼ିଶୀ ନୃତ୍ୟକୁ ମୁଁ କେବେ ବି ପେସା କରିବାକୁ ଚେଷ୍ଟା କରିନାହିଁ। ବରଂ ଏହା ମୋ ଜୀବନର ଏକ ଅଭିନ୍ନ ଅଙ୍ଗ ପାଲଟି ଯାଇଛି। ଆଜିଯାଏଁ ବି ମୋର ଶିକ୍ଷା ସମାପ୍ତ ହୋଇନି। ଓଡ଼ିଶୀ ନୃତ୍ୟ ନିଜେ ଯେମିତି ଶିଖୁଛି ସେମିତି ଅନ୍ୟମାନଙ୍କୁ ଶିଖାଇବାକୁ ମଧ ମୋର ଚେଷ୍ଟା ଜାରି ରହିଛି। ବର୍ତ୍ତମାନ ମୁଁ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟରେ କୁନି କୁନି କଳାକାରମାନଙ୍କୁ ନୃତ୍ୟ ଶିକ୍ଷା ପ୍ରଦାନ କରି ସେମାନଙ୍କୁ କଳା ସଂସ୍କୃତି ଜଗତରେ ପରିଚିତ କରାଇବାକୁ ଜୀବନର ଲକ୍ଷ୍ୟ ଭାବି ନେଇଛି। ତା'ସହିତ ସତ୍ୟବାଦୀରେ ଶାସ୍ତ୍ରୀୟ ନୃତ୍ୟ ଓ ଶାସ୍ତ୍ରୀୟ ସଙ୍ଗୀତ କିପରି ବଞ୍ଚି ରହିବ ସେଥିପାଇଁ ଆଜକୁ ପ୍ରାୟ ୧୦ ବର୍ଷ ହେବ ଏକ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତ ଉତ୍ସବ ସାକ୍ଷୀଗୋପାଳରେ ଆୟୋଜନ କରିବାରେ ସହଯୋଗ କରିଆସୁଅଛି। ତେବେ ମୋର ଯେତିକି ମନେଅଛି, ଛୋଟ ଥିବାବେଳେ ଥରେ ଗାଁ ଡ୍ରାମାରେ ମୁଁ ନୃତ୍ୟ ପରିବେଷଣ କରିଥିଲି, ଯେଉଁଥିରେ ଖୁସି ହୋଇ ଗାଁ ଲୋକେ ମୋତେ ଦୁଇ ଶହ କି ତିନି ଶହ ଟଙ୍କା ଦେଇଥିଲେ। ଆଉ ମୁଁ ସେହି ଟଙ୍କାକୁ ନେଇ ଘରେ ଦେଇ ଦେଇଥିଲି। ତା' ପରଠୁ ମୁଁ କେବେ ବି ପଇସାକୁ ଗୁରୁତ୍ୱ ଦେଇନାହିଁ ବରଂ ନିଜ ଭିତରେ ଥିବା କଳାକୁ କେମିତି ମାର୍ଜିତ କରିବି ସେ ଚେଷ୍ଟା କରିଛି। ସତ କହିବାକୁ ଗଲେ ବାହାଘର ପୂର୍ବରୁ ମୁଁ କେବଳ ଶିଖିବା ପାଇଁ ଓଡ଼ିଶୀ ନାଚୁଥିଲି, ହେଲେ ଓଡ଼ିଶୀ କ୍ଷେତ୍ରରେ ନାଁ କମାଇବା ମୋର ବାହାଘର ପରେ ହିଁ ଆରମ୍ଭ ହୋଇଥିଲା। ଏ କ୍ଷେତ୍ରରେ ମୋ ସ୍ୱାମୀ ବଦ୍ରି ନାରାୟଣ ଖୁଣ୍ଟିଆ ମୋତେ ଖୁବ୍ ସାହାଯ୍ୟ ଓ ସହଯୋଗ କରିଥିଲେ। ଆଉ ତାଙ୍କରି ପାଇଁ ମୁଁ ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲି।

– ଅନ୍ୱିତା

# ଅଳପ ଛାଇକୁ କଅଁଳ ଖରା, ଚତୁରୀ ପ୍ରେମିକା ନ ଦିଏ ଧରା

ସାଥୀ



**ପ୍ରଶ୍ନ**–ଥରେ ଜଣେ ଝିଅ ସହ ଭେଟ ହେଲା। ସେ ମୋତେ ଦେଖି ହସି ଦେଲା। ଯା ଭିତରେ ତା' ସହ କେତେଥର ଦେଖାହେଲାଣି। ହେଲେ ତାକୁ ମୋ ମନ କଥା କହିବାକୁ ସାହସ ହେଉନାହିଁ। ମୁଁ କ'ଣ କରିବି ?

*–ତାପସ, କେନ୍ଦ୍ରାପଡ଼ା*

**ଉତ୍ତର:** ଆପଣ ଆରମ୍ଭରୁ ଏମିତି ଆନମନା ହେଉଛନ୍ତି କାହିଁକି ? ପ୍ରେମ କରିବା ପୂର୍ବରୁ ପ୍ରଥମେ ନିଜ ମନରେ ସାହସ ଏକଜୁଟ କରନ୍ତୁ। ସେହି ଝିଅଟି ଆପଣଙ୍କୁ ଦେଖି ହସୁଛି। ହେଲେ ଆପଣ ତା' ଭିତରେ ଭାବୁଛନ୍ତି ଯେ ତାକୁ କେମିତି ପ୍ରପୋଜ କରିବେ। ଟିକେ ମଗଜ ଖଟାନ୍ତୁ। 'ଅଳପ ଛାଇକୁ କଅଁଳ ଖରା, ଚତୁରୀ ପ୍ରେମିକା ନ ଦିଏ ଧରା'। ପ୍ରେମିକା ସିନା ଧରା ଦେଉନି, ହେଲେ ଏମିତି ବୁଦ୍ଧି ଆପ୍ଲାଏ କରନ୍ତୁ ଯେମିତି ସେ ବଳେ ବଳେ ଆସି ଆପଣଙ୍କ ମନ ଭିତରେ ସୁନ୍ଦର ଘରଟିଏ ତୋଳି ରହିବ। ଆଉ ତା'ପରେ ଆପଣଙ୍କ ପ୍ରେମର ଗାଡି ଘାଇଁ ଘାଇଁ ହୋଇ ଆଗକୁ ମାଡି ଚାଲିବ।

**ପ୍ରଶ୍ନ**–ଅନେକ ଝିଅଙ୍କୁ ପ୍ରେମ ନିବେଦନ କରିସାରିଲିଣି। ହେଲେ ଫଳ ଶୂନ। ମୋ ମନ ଭାଙ୍ଗି ଗଲାଣି। କେମିତି ମନର ମାନସୀଟିଏ ପାଇବି ତାହାର ଉପାୟ ବତାଇବେ କି ?

*–ପ୍ରଣବ କୁମାର, ବ୍ରହ୍ମପୁର*

**ଉତ୍ତର:** ପ୍ରେମ ଏପରି ଏକ ନିଶା, ଯାହା ଥରେ ମୁଣ୍ଡକୁ ଚଢ଼ିଗଲେ ସହଜରେ ଓହ୍ଲାଇ ନ ଥାଏ। ଆଉ ସେହି ନିଶାରେ କେତେକ ଏମିତି ମତୁଆଲା ହୋଇଯାଆନ୍ତି ଯେ ସେହି ସମୟରେ ବୁଦ୍ଧି ହଜାଇ ଦେଇଥାଆନ୍ତି। ତେଣୁ ସେମାନଙ୍କର ପ୍ରେମ ଆପେଆପେ ପାଣିଚିଆ ହୋଇଯାଇଥାଏ। ସେଥିପାଇଁ ଏ କ୍ଷେତ୍ରରେ ଆଦୌ ତରବର ହୁଅନ୍ତୁ ନାହିଁ। କେବଳ 'ଆଇ ଲଭ୍ ୟୁ' କହିଦେଲେ କି କାହାକୁ ଗୋଲାପ ଫୁଲଟିଏ ଦେଇଦେଲେ ପ୍ରେମ ହୋଇଯିବ ବୋଲି ଭାବିବା ଭୁଲ। କାରଣ ପାଣିପାଗ ସେହି ଅନୁସାରେ ନିର୍ମଳ ରହିବା ଦରକାର। ତା' ସହ ଦୁହିଁଙ୍କର ମନ ଏକାଠି ହେବା ନିହାତି ଜରୁରୀ। ନ ହେଲେ ଆତୁରିଆ ପ୍ରେମ କେତେବେଳେ ଆରମ୍ଭ ହୋଇ କେତେବେଳେ ଶେଷ ହୋଇଯିବ ତାହା ନିଜେ ମଧ କଳ୍ପନା କରିପାରିବେ ନାହିଁ।

**ପ୍ରଶ୍ନ**–ପ୍ରେମିକା ହସ ଆଉ ଚାହାଣୀରେ ପ୍ରେମ ଲୁଚି ରହିଛି ବୋଲି ଶୁଣିଛି। ହେଲେ ମୋତେ ଜଣେ ଝିଅ କଣେଇ କଣେଇ ଚାହିଁ ହସୁଛି। ସେ କ'ଣ ମୋତେ ପ୍ରେମ କରୁଛି ?

*–ଆଦିତ୍ୟ ରାଉତ, ରେଢ଼ାଖୋଲ*

**ଉତ୍ତର:** ଆପଣ ତା' ଇସାରାରୁ କ'ଣ ଅନୁଭବ କରୁଛନ୍ତି ? ତା' ଚୋରା ଚାହାଣୀ ଏବଂ ମୁରୁକି ହସରେ ପ୍ରେମର ବାସ୍ନା ବାରି ପାରୁଛନ୍ତି ତ ? ଯଦି ହଁ, ତେବେ କାଳ ବିଳମ୍ବ ନ କରି ତାକୁ ନିଜ ମନ କଥା କହି ଦିଅନ୍ତୁ ନା ! କାରଣ ଡେରି ହେଲେ ହୁଏତ ତା' ମନ ଭିତରେ ଆଉ କିଏ ବସା ବାନ୍ଧି ଦେଇପାରେ। ବାସ୍, ତା' ଚାହାଣୀ ଆଉ ହସକୁ ଭଲ ଭାବରେ ତର୍ଜମା କରି ଆଗାନ୍ତୁ।

**ପ୍ରଶ୍ନ**–ପ୍ରେମିକା ବିନା ଜୀବନ ମରୁଭୂମି ପରି। ଏକଥା କ'ଣ ସତ ?

*–ପ୍ରଦୀପ ମଲ୍ଲିକ, ଜଗତସିଂହପୁର*


**ଉତ୍ତର:** ଏତେ ଗହନ କଥାକୁ ନ ଯାଇ ନିଜ ପାଇଁ ଗୋଟିଏ ମନଲାଖି ପ୍ରେମିକାଟିଏ ଖୋଜନ୍ତୁ। ପ୍ରେମରେ ଯଦି ପାଣିପାଗ ଠିକ୍ ରହିଲା ତେବେ କିଛି ଅସୁବିଧା ନାହିଁ। ହେଲେ ଯଦି କୌଣସି କଥାରେ ଟିକେ ଓଲଟ ପାଲଟ ହୋଇଗଲା ତେବେ ସେପରି ପରିସ୍ଥିତିକୁ ସାମନା କରିବା କଷ୍ଟକର ହୋଇପଡେ। କେତେକ ନିଜର ପୁରୁଣା ପ୍ରେମ ଆଉ ପ୍ରେମିକାକୁ ଭାବି ଭାବି ନିଜର ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦିଅନ୍ତି। ନିଜ ଉପରେ ନିଜ ପ୍ରେମିକା ଆଉ ପ୍ରେମ ଉପରେ ଯଦି ବିଶ୍ୱାସ ଶତ ପ୍ରତିଶତ ରହିଲା ତେବେ ପ୍ରେମର ଅସଲ ମଜା ବଳେ ବେଳେ ଅନୁଭବ କରିପାରିବେ।


# ରହସ୍ୟମୟ ଜଙ୍ଗଲ




**ପୃଥିବୀରେ ଜଙ୍ଗଲ ତ ଅନେକ ରହିଛି, କିନ୍ତୁ ଏମିତି ବି କିଛି ଜଙ୍ଗଲ ଅଛି ଯାହାର ଅଜବ ରୂପରେଖ ଲୋକଙ୍କ ମନରେ ଭୟ ସୃଷ୍ଟି କରାଇବା ସହ ଉକ୍ତ ଜଙ୍ଗଲଗୁଡ଼ିକୁ ଗୋଟିଏ ଗୋଟିଏ ରହସ୍ୟମୟ ଜଙ୍ଗଲର ପରିଚିତ ଦେଇଛି। ସେମିତି କିଛି ଭୟଙ୍କର ତଥା ରହସ୍ୟମୟ ଜଙ୍ଗଲ ସମ୍ପର୍କରେ...**













*** ହୋୟା ବସ୍ୟୁ:** ରୋମାନିଆରେ ଥିବା ଏହି ଜଙ୍ଗଲ ହେଉଛି ଦୁନିଆର ସବୁଠାରୁ ରହସ୍ୟମୟ ତଥା ଭୟଙ୍କର ଜଙ୍ଗଲ। ଏହି ଜଙ୍ଗଲରେ ଥିବା ଗଛଗୁଡ଼ିକ ମୋଡ଼ି ମୋଡ଼ି ହୋଇ ରହିବା ସହ ସେଗୁଡ଼ିକର ଆକାର ଦେଖିବାକୁ ବେଶ୍ ଅଜବ ଲାଗିଥାଏ। ତା'ଛଡ଼ା ରାତି ହେବା ମାତ୍ରେ ଏହି ଜଙ୍ଗଲ ମଧ୍ୟରୁ ଅଜବ ଅଜବ ଶବ୍ଦ ଓ କାନ୍ଦିବା ସ୍ୱର ଶୁଣିବାକୁ ମିଳିଥାଏ ବୋଲି ସ୍ଥାନୀୟ ଲୋକେ ମତ ଦେଇଥାନ୍ତି। ତେବେ ଏହି ଜଙ୍ଗଲ ମଧ୍ୟରେ ଏଲିଏନ୍ ରହୁଥିବା ଅନେକେ ବିଶ୍ୱାସ କରିଥାନ୍ତି। କାରଣ ୧୮୬୮ ମସିହାରେ ଏହି ଜଙ୍ଗଲ ମଧ୍ୟରେ ଏକ ଚମତ୍କାର ଜିନିଷ ଆକାଶମାର୍ଗରୁ ଓହ୍ଲାଇଥିଲା ବୋଲି ସୂଚନା ରହିଛି। ତେଣୁ ଜଙ୍ଗଲ ମଧ୍ୟକୁ ଗଲେ ମରିବା ସୁନିଶ୍ଚିତ ଭାବି କେହି ଡରରେ ଏଠାକୁ ଯାଇ ନ ଥାନ୍ତି।

***ବ୍ଲାକ୍ ଫରେଷ୍ଟ:** ଏହି ଜଙ୍ଗଲଟି ଜର୍ମାନୀରେ ଅଛି। ୧୬୦ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ି ଉଠିଥିବା ଉକ୍ତ ଜଙ୍ଗଲରେ ଭରି ରହିଛି ବହୁ ଉଚ୍ଚ ଉଚ୍ଚ ଝଙ୍କାଳିଆ ଗଛ; ଯେଉଁଥିପାଇଁ ଏହି ଜଙ୍ଗଲ ମଧ୍ୟକୁ ସୂର୍ଯ୍ୟଙ୍କ କିରଣ ଆଦୌ ପଡ଼ି ପାରେନାହିଁ। ଫଳରେ ଦିନରେ ବି ଜଙ୍ଗଲ ମଧ୍ୟକୁ ଗଲେ ଚାରିଆଡ଼ ଅନ୍ଧରୁଆ ଦେଖାଯାଏ ଆଉ ଭାରି ଡର ଲାଗେ। ସେଥିପାଇଁ ଏହାକୁ ବ୍ଲାକ୍ ଫରେଷ୍ଟ ବା କଳା ଜଙ୍ଗଲ ବୋଲି କୁହାଯାଇଥାଏ। ତା'ଛଡ଼ା ଏହି ଜଙ୍ଗଲରେ ଭୂତ, ପ୍ରେତ ରହୁଥିବା ସ୍ଥାନୀୟ ଲୋକଙ୍କର ଧାରଣା ମଧ୍ୟ ରହିଛି।

***କ୍ରୁକେଡ୍ ଜଙ୍ଗଲ:** ପୋଲାଣ୍ଡରେ ଥିବା ଏହି ଜଙ୍ଗଲରେ ଯେତେକ ଗଛ ରହିଛି, ସବୁ ଗଛର ମୂଳରୁ କିଛି ଅଂଶ ସମାନ ଆକାରରେ ମୋଡ଼ି ହୋଇ ରହିଥିବା ଦେଖିବାକୁ ମିଳିଥାଏ। ଏହା ହେଉଛି ଉକ୍ତ ଜଙ୍ଗଲର ଏକ ବିଶେଷତ୍ୱ, ଯାହା ପଛରେ ପ୍ରକୃତ କାରଣ କ'ଣ ରହିଛି ତାହାର ରହସ୍ୟ ଆଜିଯାଏ କେହି ଭେଦ କରିପାରି ନାହାନ୍ତି। ଏହା ଏକ ଘଞ୍ଚ ଜଙ୍ଗଲ, ଯାହା ମଧ୍ୟରେ କେହି ଏକାକୀ ବୁଲିବା ସେତେ ସହଜ କଥା ନୁହେଁ। ସୂଚନାନୁଯାୟୀ, ଏହି ଜଙ୍ଗଲରେ ୧୯୩୦ ମସିହାରୁ ପାଇନ୍ ଗଛ ଲଗାଇବା ଆରମ୍ଭ କରାଯାଇଥିଲା। ପ୍ରାକୃତିକ ଉପାୟରେ ମୋଡ଼ି ହୋଇ ରହୁଥିବା ଗଛ ପାଇବା ପାଇଁ ଏଠାରେ ଏହି ଗଛ ଲଗାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା ବୋଲି ସ୍ଥାନୀୟ ଲୋକେ ବିଶ୍ୱାସ କରିଥାନ୍ତି।

***ଗୋବଲିନ୍ ଜଙ୍ଗଲ:** ନ୍ୟୁଜିଲାଣ୍ଡସ୍ଥିତ ଏହି ଜଙ୍ଗଲରେ ବର୍ଷର ଅଧିକାଂଶ ସମୟ ବର୍ଷା ହୋଇଥାଏ। ଫଳରେ ଏଠାକାର ଜଙ୍ଗଲ ବର୍ଷସାରା ଚିରହରିତ୍ ଦେଖାଯାଇଥାଏ। ସେହିପରି ଜଙ୍ଗଲ ସାରା ଲଟାପତ୍ର ମାଡ଼ି ଯାଇଥିବାରୁ ଏହା ଘଞ୍ଚ ଦେଖାଯିବା ସହ ଦେଖିବାକୁ ଡର ମଧ୍ୟ ଲାଗେ। ତା'ଛଡ଼ା ଜଙ୍ଗଲ ମଧ୍ୟରେ ସବୁବେଳେ ପାଣି ଜମି ରହୁଥିବାରୁ ଏଠାରେ ଶିଉଳି ମଧ୍ୟ ପ୍ରଚୁର ହୁଏ। ତେଣୁ ଉକ୍ତ ଜଙ୍ଗଲକୁ ଯିବା ସମୟରେ ଟିକେ ସଚେତନ ନ ରହିଲେ ଗୋଡ଼ ଖସି ପଡ଼ିଯିବାର ଯଥେଷ୍ଟ ସମ୍ଭାବନା ରହିଥାଏ।

***ରାଟା ଜଙ୍ଗଲ:** ଏହି ଜଙ୍ଗଲଟି ମଧ୍ୟ ନ୍ୟୁଜିଲାଣ୍ଡରେ ରହିଛି। ଉକ୍ତ ଜଙ୍ଗଲରେ ଥିବା ସମସ୍ତ ଗଛଗୁଡ଼ିକର ମୂଳ, ଡାଳପତ୍ରଗୁଡ଼ିକ ମୋଡ଼ି ମୋଡ଼ି ଦେଖାଯିବା ସହ ସର୍ବଦା ଶୁଖିଗଲା ଭଳି ଦେଖାଯାଇଥାଏ, ଯାହା କି ଉକ୍ତ ଜଙ୍ଗଲର ଏକ ରହସ୍ୟମୟ କଥା। ତେବେ ଏହି ଜଙ୍ଗଲ ମଧ୍ୟ ଦେଇ ହାଇକିଂ ପାଇଁ ଅନେକ ରାସ୍ତାର ସୁବିଧା ରହିଛି।

***ଓକିଗହରୋ ଜଙ୍ଗଲ:** ଜାପାନର ମାଉଣ୍ଟ ଫୁଜିର ପାଦଦେଶରେ ଥିବା ଏହି ଜଙ୍ଗଲଟି ଦେଖିବାକୁ ଏତେ ଘଞ୍ଚ ଯେ, ଟିକେ ଅସାବଧାନତା ହେଲେ ଯେ କେହି ଏହି ଜଙ୍ଗଲରେ ହଜିଯିବା ସ୍ୱାଭାବିକ। ତା'ଛଡ଼ା ଏହି ଜଙ୍ଗଲରେ ବହୁ ପରିମାଣରେ ଗଛ ଭରି ରହିଥିବାରୁ, ଏହାକୁ ସି ଅଫ୍ ଟ୍ରିଜ୍ ବା ଗଛର ସମୁଦ୍ର ବୋଲି ମଧ୍ୟ କୁହାଯାଇଥାଏ।

***ହୋଲେରବୋସ୍ ଜଙ୍ଗଲ:** ବେଲ୍‌ଜିୟମ୍‌ରେ ଥିବା ଏହି ଜଙ୍ଗଲରେ ପ୍ରତିବର୍ଷ ବସନ୍ତ ଋତୁ ଆସିଲେ ଆପେ ଆପେ ବାଇଗଣୀ ତଥା ନୀଳ ରଙ୍ଗର ଫୁଲ ଫୁଟି ଜଙ୍ଗଲ ପୃଷ୍ଠକୁ ଫୁଲର ଚାଦରରେ ସଜାଇଦିଏ, ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ତେବେ ଘଞ୍ଚ ଜଙ୍ଗଲ ହୋଇଥିବାରୁ ଅନ୍ୟଦିନେ ଏଠାକୁ ଯିବା ପାଇଁ ସାହସ କରୁ ନ ଥିବା ଲୋକେ ଖାସ୍ ଏହି ଫୁଲର ଶୋଭାକୁ ଦେଖିବାକୁ ବସନ୍ତ ଋତୁରେ ଏଠାରେ ଭିଡ଼ ଜମାଇଥାନ୍ତି।

***ସିଙ୍ଗି ଜଙ୍ଗଲ:** ମାଡାଗାସ୍କାରରେ ଥିବା ଏହି ଜଙ୍ଗଲରେ ଗୋଜିଆ ଗୋଜିଆ ମୁହଁ ଆକାରର ଚୂନପଥରର ଅନେକ ଚଟାଣ ଦେଖିବାକୁ ମିଳିଥାଏ। ପ୍ରାୟ ୭୦ ମିଟର ଉଚ୍ଚତା ବିଶିଷ୍ଟ ଏହି ଚଟାଣଗୁଡ଼ିକ ଉକ୍ତ ଜଙ୍ଗଲକୁ ଏକ ଭିନ୍ନ ଆକର୍ଷଣ ଦେଇଥାଏ। ଉଚ୍ଚ ଉଚ୍ଚ ଗଛ ସାଙ୍ଗକୁ ଚୂନପଥରର ଏହି ଚଟାଣଗୁଡ଼ିକ ଉକ୍ତ ଜଙ୍ଗଲକୁ ଏକ ଭିନ୍ନ ରୂପ ଦେବା ସହ ଲୋକଙ୍କ ମନରେ ଭୟ ମଧ୍ୟ ସୃଷ୍ଟି କରାଇଥାଏ।



## ମଡେଲ୍ ମିରର୍

ସୁଧାଂଶୁ



**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦

ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### କଫି

ଭିକାରି ବ୍ୟକ୍ତିଙ୍କୁ- ଆଜ୍ଞା, ୨୦ ଟଙ୍କା ଦିଅନ୍ତୁ ନା କଫି ପିଇବି।

ବ୍ୟକ୍ତି- କଫି ତ ୧୦ ଟଙ୍କାରେ ମିଳୁଛି।

ଭିକାରି- ମୋ ଗର୍ଲଫ୍ରେଣ୍ଡ ବି ସାଙ୍ଗରେ ଅଛି ନା।

ବ୍ୟକ୍ତି- କ'ଣ ? ଭିକାରି ହେଇ ଗର୍ଲଫ୍ରେଣ୍ଡ ରଖିଛୁ।

ଭିକାରି- ନାଇଁ ଆଜ୍ଞା, ଗର୍ଲଫ୍ରେଣ୍ଡ ମତେ ଭିକାରି ବନେଇ ଦେଇଛି।

### ଆମ୍ବ

ଶିକ୍ଷକ ଛାତ୍ରକୁ- ଗୋଟେ ଝୁଡିରେ ୧୦ଟି ଆମ୍ବ ଅଛି। ସେଥିରୁ ୨ଟି ପଚିଗଲା। ଆଉ କେତୋଟି ଆମ୍ବ ରହିଲା ?

ଛାତ୍ର-ସାର୍, ୧୦ଟି।

ଶିକ୍ଷକ- ମୂର୍ଖ କୋଉଠିକାର। କହିଲା କ'ଣ ନା ୧୦ଟି।

ଛାତ୍ର- ୧୦ଟି ନୁହେଁ ଆଉ କେତୋଟି ? ଆମ୍ବ ପଚିଗଲେ କ'ଣ ପଣସ ହୋଇଯାଏ ! ସେଇ ଆମ୍ବ ହିଁ ରହେନା।

### ଆଳସ୍ୟ

ସ୍ତ୍ରୀ ସ୍ୱାମୀଙ୍କୁ- ତମକୁ ଜଣେ ସୁନ୍ଦରୀ ଝିଅ ଯଦି ଫ୍ଲାଇଂ କିସ୍ ଦିଏ ତୁମେ କ'ଣ କରିବ ?

ସ୍ୱାମୀ- ମୁଁ ତା' ଉପରେ ରାଗିବି।

ସ୍ତ୍ରୀ- ସତରେ..। ହେଲେ କାହିଁକି ?


ସ୍ୱାମୀ- କିସ୍ ଦେବାରେ ବି ଅଳସୁଆ ହେଉଥିବା ଝିଅ ଉପରେ ରାଗିବିନି ଆଉ କ'ଣ କରିବି ?


# ଆର୍ଦ୍ରତାପୂର୍ଣ୍ଣ ସ୍ଥାନ ମୌସିନ୍‌ରାମ

**ବର୍ଷାରେ ଭିଜିବାକୁ ଭଲ ପାଉଥିବା ପର୍ଯ୍ୟଟକଙ୍କ ପାଇଁ ମେଘାଳୟର ମୌସିନ୍‌ରାମ ଏକ ସ୍ୱର୍ଗୀୟ ସ୍ଥାନ । କାରଣ ଚେରାପୁଞ୍ଜି ପରି ଏହା ମଧ୍ୟ ହେଉଛି ଭାରତର ଏମିତି ଏକ ସ୍ଥାନ, ଯେଉଁଠାରେ ଅଧିକ ମାତ୍ରାରେ ବର୍ଷା ହୋଇଥାଏ। ସେଇଥିପାଇଁ ଏହାକୁ ଭାରତର ତଥା ବିଶ୍ୱର ଏକ ଆର୍ଦ୍ରତାପୂର୍ଣ୍ଣ ସ୍ଥାନ ଭାବେ ମଧ୍ୟ ବିବେଚନା କରାଯାଇଥାଏ...**











ମେଘାଳୟର ଇଷ୍ଟ ଖାସି ହିଲ୍ସ ଜିଲାର ଏକ ସ୍ଥାନ ହେଉଛି ମୌସିନ୍‌ରାମ। ଏହା ଭାରତର ତଥା ପୃଥିବୀର ଏକ ଆର୍ଦ୍ର ସ୍ଥାନ ଭାବେ ମଧ୍ୟ ପରିଚିତ। କାରଣ ଏଠାରେ ପ୍ରତିବର୍ଷ ହାରାହାରି ୧୧,୮୭୨ ମିଲିମିଟର ବର୍ଷା ହେଉଥିବାର ରେକର୍ଡ ରହିଛି। ଆଶ୍ଚର୍ଯ୍ୟର କଥା ହେଉଛି ବର୍ଷର ଅଧିକାଂଶ ସମୟ ଏଠାକାର ଆକାଶ ମେଘାଚ୍ଛନ୍ନ ରହିଥାଏ। ତା'ଛଡ଼ା ସବୁ ସମୟ ଏଠାରେ ପାଗ ଆର୍ଦ୍ର ରହୁଥିବାରୁ ଘର ବାହାରେ କାମ କରୁଥିବା ଶ୍ରମିକମାନେ ଅଚାନକ୍ ବର୍ଷାରୁ ରକ୍ଷା ପାଇବା ପାଇଁ ନିଜ ମୁଣ୍ଡ ଏବଂ ପିଠି ଉପରେ କଦଳୀପତ୍ର ଓ ବାଉଁଶରୁ ତିଆରି ଏକ ସ୍ୱତନ୍ତ୍ର ପକ୍ଷିଆକୁ ଘୋଡ଼ାଇ କାମ କରିଥାନ୍ତି।

### ରେକର୍ଡ ଅନୁସାରେ

ସମୁଦ୍ର ପତ୍ତନରୁ ପ୍ରାୟ ୧୪୦୦ ମିଟର ଉଚ୍ଚତାରେ ଥିବା ମୌସିନ୍‌ରାମରେ ପ୍ରତିବର୍ଷ ହାରାହାରି ୧୧,୮୭୨ ମିଲିମିଟର ବର୍ଷା ହେଉଥିବାର ରିପୋର୍ଟ ରହିଛି। ତେବେ ଅନ୍ୟ ଏକ ଅନୁଧ୍ୟାନ ଅନୁଯାୟୀ, କଲମ୍ବିଆର ଲିଓରୋରେ ୧୯୫୨ରୁ ୧୯୮୯ ମସିହା ଭିତରେ ବାର୍ଷିକ ହାରାହାରି ୧୨,୭୧୭ ମିଲିମିଟର ବର୍ଷା ଏବଂ ଏଠାକାର ଅନ୍ୟ ଏକ ସ୍ଥାନ ଲୋପେଜ୍ ଡେ ମିକେରେ ୧୯୬୦ରୁ ୨୦୧୨ ମସିହା ଭିତରେ ବାର୍ଷିକ ହାରାହାରି ୧୨,୮୯୨ ମିଲିମିଟର ବର୍ଷା ହୋଇଥିବାର ସୂଚନା ରହିଛି, ଯାହାକୁ ନେଇ ମଝିରେ ଏକ ଦ୍ୱନ୍ଦ୍ୱ ମଧ୍ୟ ଉପୁଜିଥିଲା ଯେ, ମୌସିନରାମ୍‌ରେ ବାର୍ଷିକ ଅଧିକ ବର୍ଷା ହେଉଛି ନା କଲମ୍ବିଆର ଏହି ଦୁଇ ସ୍ଥାନରେ ଅଧିକ ବର୍ଷା ହେଉଛି। କିନ୍ତୁ ଶେଷରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସର ରିପୋର୍ଟ ଅନୁଯାୟୀ ଜଣାଗଲା ଯେ, ୧୯୮୫ରେ ମୌସିନରାମ୍‌ରେ ବାର୍ଷିକ ପ୍ରାୟ ୨୬,୦୦୦ ମିଲିମିଟର ବର୍ଷା ହୋଇଥିଲା, ଯାହା ଅନ୍ୟ ସବୁ ରେକର୍ଡଠାରୁ ଢେର୍ ଅଧିକା ଥିଲା। କେବଳ ମୌସିନ୍‌ରାମ ନୁହେଁ ମେଘାଳୟର ଆଉ ଏକ ସ୍ଥାନ ହେଉଛି ଚେରାପୁଞ୍ଜି, ଏଠାରେ ବି ଅଧିକ ବର୍ଷା ହେଉଥିବାର ସୂଚନା ମଧ୍ୟ ରହିଛି। କୁହାଯାଏ, ଏଠାରେ କୁଆଡ଼େ ବାର୍ଷିକ ହାରାହାରି ୧୧,୭୭୭ ମିଲିମିଟର ବର୍ଷା ହୋଇଥାଏ। ମୌସିନ୍‌ରାମଠାରୁ ଚେରାପୁଞ୍ଜି ମାତ୍ର ୧୬ କି.ମି. ଦୂରରେ ଅବସ୍ଥିତ।

### ପାଣିପାଗ

ମୌସିନ୍‌ରାମରେ ଜାନୁୟାରୀରୁ ଅଗଷ୍ଟ ଭିତରେ ତାପମାତ୍ରା ପ୍ରାୟ ୧୦ରୁ ୨୦ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ରହିଥାଏ। ଅନ୍ୟଦିନ ତୁଳନାରେ ବର୍ଷାଦିନେ ଏଠାରେ ସବୁଠାରୁ ଅଧିକ ବର୍ଷା ହୋଇଥାଏ। ଡିସେମ୍ବରରୁ ଫେବୃୟାରୀ ଭିତରେ ଏଠାରେ ପାଗ ଟିକେ ଶୁଖିଲା ରହିଥାଏ। ତଥାପି ଏହି ସମୟରେ ମାସିକ ପ୍ରାୟ ୩୦ ମିଲିମିଟର ବର୍ଷା ହେଉଥିବାର ନଜିର ରହିଛି। ବର୍ଷାଦିନେ ବଙ୍ଗୋପସାଗରରୁ ଆସୁଥିବା ଉଷ୍ମ ଆର୍ଦ୍ର ବାୟୁ ଇଷ୍ଟ ଖାସି ହିଲ୍ସରେ ବାଧାପ୍ରାପ୍ତ ହୋଇ ଘନୀଭୂତ ହୁଏ, ଫଳରେ ବର୍ଷା ହୁଏ। ଏହି ଧାରା ଏଠାରେ ବର୍ଷର ପ୍ରାୟ ଅଧିକାଂଶ ସମୟରେ ମଧ୍ୟ ହୋଇଥାଏ।


### କ'ଣ ଦେଖିବେ

ମୌସିନ୍‌ରାମରେ ଅନେକ ଗୁମ୍ଫା ରହିଥିବା ଦେଖିବାକୁ ମିଳେ। ତନ୍ମଧ୍ୟରୁ ମୌଜିମ୍‌ବୁଇଁ ନାଁରେ ଏକ ଗୁମ୍ଫା ଅଛି, ଯାହାର ଚଟାଣରୁ ବର୍ଚ୍ଛା ପରି ଉଠିଥିବା କ୍ୟାଲ୍‌ସିୟମ୍ କାର୍ବୋନେଟ୍‌ର କେତୋଟି ଖଣ୍ଡ ଦେଖିବାକୁ ମିଳିଥାଏ। ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଏହି ଗୁମ୍ଫା ବୁଲିବାକୁ ଆଦୌ ଭୁଲନ୍ତି ନାହିଁ। କେବଳ ସେତିକି ନୁହେଁ, ଅପୂର୍ବ ପ୍ରାକୃତିକ ପରିବେଶରେ ଭରା ମୌସିନ୍‌ରାମ୍‌ରେ ପର୍ଯ୍ୟଟକ ପାହାଡ଼ ପରିବେଷ୍ଟିତ କେତେକ ଆକର୍ଷଣୀୟ ଝରଣା ମଧ୍ୟ ଦେଖିବାକୁ ପାଇପାରିବେ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ, ଖାସ୍‌କରି ବର୍ଷାକୁ ଉପଭୋଗ କରିବା ପାଇଁ ପର୍ଯ୍ୟଟକ ଏଠାକୁ ବର୍ଷାଦିନେ ଯିବାକୁ ଅଧିକ ପସନ୍ଦ କରିଥାନ୍ତି। ତା'ଛଡ଼ା ଏଠାକୁ ଯିବା ପାଇଁ ଗମନାଗମନର ବି ବେଶ୍ ସୁବିଧା ରହିଛି। ଶିଲଂ ଏୟାରପୋର୍ଟ ହେଉଛି ଏହାର ନିକଟବର୍ତ୍ତୀ ବିମାନବନ୍ଦର, ଯାହା ପ୍ରାୟ ୮୭ କି.ମି ଦୂରରେ ଅବସ୍ଥିତ। ସେହିପରି ଏହାର ନିକଟତମ ରେଳଷ୍ଟେଶନ ହେଉଛି ଗୁଆହାଟି ରେଳଷ୍ଟେଶନ। ତା'ଛଡ଼ା ଜଣେ ଚାହିଁଲେ ସଡ଼କପଥରେ ବି ଏଠାକୁ ଯାଇପାରିବେ। ଗୁଆହାଟିରୁ ଏଠାକୁ ଯିବା ପାଇଁ ଟ୍ୟାକ୍ସି ବା ଜିପ୍‌ର ଭଲ ସୁବିଧା ମଧ୍ୟ ରହିଛି।







# ସେଲ୍ଫ ବାଲାନ୍ସିଂ ସାଇକେଲ

ନୂଆ ସାଇକେଲ ଶିଖିବାବେଳେ ସନ୍ତୁଳନ ରକ୍ଷା ନ କରିପାରି ଅବା ସାମାନ୍ୟ ଅବହେଳା ଯୋଗୁ ସନ୍ତୁଳନ ହରାଇ ସାଇକେଲରୁ ଅନେକଥର ପଡ଼ିଥିବେ। ସେମିତି ଥରେ ଚାଇନାର ଯୁବ ଇଞ୍ଜିନିୟର ସାଇକେଲରୁ ପଡ଼ିଥିଲେ। ଆଉ ମୁହଁରେ କ୍ଷତ ହୋଇଯାଇଥିଲା। ତା'ପରେ ସେ ନିଜର ବଳକା ସମୟକୁ ବ୍ୟବହାର କରି ଲାଗିପଡିଥିଲେ ଏମିତି ଏକ ସାଇକେଲ ତିଆରି କରିବା ପାଇଁ, ଯାହାକୁ ଚଳାଇଲେ ପଡ଼ିବାର ଭୟ ଜମାରୁ ରହିବନି। ଝି ହୁଇ ଜୁନ୍ ନାମକ ଏହି ଇଞ୍ଜିନିୟର୍ ୨୦୧୯ରେ ବେଜିଂର ସିଙ୍ଘୁଆ ୟୁନିଭର୍ସିଟିରେ ବୈଜ୍ଞାନିକଙ୍କ ଦ୍ୱାରା ନିର୍ମିତ ସେଲ୍ଫ ଡ୍ରାଇଭିଂ ବାଇକ ଦେଖିଥିଲେ। ସେଇଠୁ ପ୍ରେରଣା ପାଇ ନିଜେ ଏକ ସେଲ୍ଫ ବାଲାନ୍ସିଂ ସାଇକେଲ ତିଆରି କରିବାକୁ ଚେଷ୍ଟା କଲେ। ଖାସ୍‌କରି ସପ୍ତାହାନ୍ତରେ ସେ ଏଇ କାମରେ ଲାଗୁଥିଲେ। ଆଉ ଚାରି ମାସର କଷ୍ଟ ପରେ ଏକ ସେଲ୍ଫ ବାଲାନ୍ସିଂ ସାଇକେଲ ତିଆରି କରିବାରେ ସଫଳ ହେଲେ। ଏଥିରେ ସେ ଆସେଲେରୋମିଟର୍ ଓ ଗାୟରୋସ୍କୋପ୍ ବ୍ୟବହାର କରିଛନ୍ତି, ଯାହା କି ସାଇକେଲର ଗତିବିଧିକୁ ଅନୁଧ୍ୟାନ କରି ତାକୁ ପଡ଼ିବା, ଏମିତି କି ନଇଁବାକୁ ଦେଇ ନ ଥାଏ। ଏଥିରେ ଲିଥିୟମ ବ୍ୟାଟେରି ବ୍ୟବହାର କରାଯାଇଛି। ସାଇକେଲ ଖାଲିରେ ଠିଆ ହୋଇଥାଉ ଅବା ଗତିଶୀଳ ଥାଉ ଏହାର ସନ୍ତୁଳନ ଠିକ୍ ରହେ। ଫଳରେ ଏହା ପଡ଼ି ନ ଥାଏ। ଏହା ଉପରେ ହଠାତ୍ ଭାରି ଜିନିଷ ରଖିଦେଲେ ବି ଏହାର ସନ୍ତୁଳନ ବିଗିଡ଼ି ନ ଥାଏ। କେବଳ ସେତିକି ନୁହେଁ ଉକ୍ତ ବାଇସାଇକେଲରେ ଆର୍‌ଜିବି ଡେପ୍‌ଥ ସେନ୍ସିଂ କ୍ୟାମେରା ଓ ଲିଡାର ସେନ୍ସର ଲାଗିଛି। ତେଣୁ ରାସ୍ତାରେ ଗଲାବେଳେ କୌଣସି ବାଧାବିଘ୍ନ ଆସିଲେ ବି ଏହାର ସନ୍ତୁଳନ ବିଗାଡ଼ିପାରେ ନାହିଁ।

## କାର୍ଟୁନ କର୍ନର





# ବାଘମାରୀର କାଠମୁଖା

ଦିନଥିଲା କେତେକ ପୌରାଣିକ ବିଷୟକୁ ନେଇ ଆଧାରିତଲିଲା,ସୁଆଙ୍ଗଓଗୀତିନାଟ୍ୟଆଦିରେଅନେକ କଳାକାର ବିଭିନ୍ନ ଚରିତ୍ରର କେତେକ କାଳ୍ପନିକ ମୁହଁକୁ କାଠମୁଖାର କଳାକୃତି କରି ଅଭିନୟରେ ବ୍ୟବହାର କରୁଥିଲେ। ଯାହାକି ଦର୍ଶକଙ୍କ ମନରେ ନିଆରା ଭାବ ସୃଷ୍ଟି ହେଉଥିଲା। ଏହା ଆମ କଳାକାରିଗରିର ଭିନ୍ନ ପରିଚୟ ଦେଉଥିଲା। ମାତ୍ର ଏବେ ଏହା ଅନେକ ଶୋ'ରୁମ୍‌ର ସାଜସଜ୍ଜା ସାମଗ୍ରୀ ପାଲଟିଛି। ତେବେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ.ଜାତୀୟ ରାଜପଥର ବାଘମାରୀ ରାସ୍ତାପାର୍ଶ୍ୱରେ ରହିଛି ଭିନ୍ନ ଏକ ହସ୍ତଶିଳ୍ପ କୁଟୀର। ଏଠାରେ କେତେକ ରାଜା, ଡଗର, ଜୀବଜନ୍ତୁ ଓ ପଶୁପକ୍ଷୀଙ୍କ କାଠମୂର୍ତ୍ତି ସହିତ ପୌରାଣିକ ବିଷୟର ବିଭିନ୍ନ ଚରିତ୍ରଙ୍କ କାଳ୍ପନିକ କାଠମୁଖା ଦେଖିବାକୁ ମିଳେ। ଏ ସବୁକୁ ରୂପ ଦେଇଛନ୍ତି ଜଣେ ଯୁବଶିଳ୍ପୀ। ସେ ହେଲେ ବାଘମାରୀ ବଡ଼ସାହିର କଳ୍ପତରୁ ପଣ୍ଡା। ସେ କୁହନ୍ତି ,ସ୍କୁଲ ବୟସରୁ ବିଭିନ୍ନ ପଶୁପକ୍ଷୀ ଓ ଗଛଲତା ଆଦି ପ୍ରାକୃତିକ ଦୃଶ୍ୟ ଦେଖି ଚିତ୍ର ଅଙ୍କନ କରୁଥିଲି। ସମୟକ୍ରମେ ଭୁବନେଶ୍ୱର ହସ୍ତକଳା କାରିଗରି କେନ୍ଦ୍ରରେ ୪ବର୍ଷିଆ କୋର୍ସ କରିଥିଲି। । ଏଥିଯୋଗୁ ବିଭିନ୍ନ ଅନୁଷ୍ଠାନରୁ ପୁରସ୍କାର ମିଳିଛି। କିନ୍ତୁ ବାଘମାରିରେ ଏକ ହସ୍ତକଳା କେନ୍ଦ୍ରକରି ବିଭିନ୍ନ କାଠମୁଖାର କଳାକୃତିକୁ ତିଆରି କରାଯାଉଛି। ଯେତେବେଳେ ଦର୍ଶକ ଏଠାର ବିଭିନ୍ନ କାଠମୁଖାକୁ ଦେଖନ୍ତି ସେତେବେଳେ ଖୁବ୍ ଖୁସି ଲାଗେ । ପ୍ରତ୍ୟେକ ମୁଖା ପଛରେ କିଛି ଅକୁହା କାହାଣୀ ରହିଛି। ଏମିତିରେ ଓଡ଼ିଶାର କଳା ସଂସ୍କୃତି ପରିଚୟକୁ ନେଇ ଗର୍ବ ଅନୁଭବ କରିଥାଉ। ପଥର ପରି କାଠ ଖୋଦେଇ ବି ଆମ ରାଜ୍ୟର ଏକ ପୁରାତନ ହସ୍ତଶିଳ୍ପକଳା। ଏବେ ପ୍ରାୟ ୫ଜଣ କାଠମୁଖା କାରିଗର ଏହି କାମ କରି ନିଜ ପରିବାର ଚଳାଉଛନ୍ତି ଏବଂ ନିଜ ଅଞ୍ଚଳର ଏକ ନୂଆ ପରିଚୟ ସୃଷ୍ଟି କରିପାରିଛନ୍ତି। ଏଥିଯୋଗୁ ବିଭିନ୍ନ ଅନୁଷ୍ଠାନରୁ ପୁରସ୍କାର ମିଳିଛି।

**କାଠମୁଖା ତିଆରି ପ୍ରଣାଳୀ**-ବିଭିନ୍ନ ପ୍ରକାର କାଠମୁଖା ତିଆରି ପାଇଁ ପ୍ରଥମେ କେତେକ ନିର୍ଦ୍ଦିଷ୍ଟ ଗଛ ଯଥା-ଫାଁଶି, ସିମୁଳି, ପାଲଧୁଆ ଓ ଦେବଦାରୁ ଆଦି ଗଛର କଞ୍ଚାକାଠକୁ ସଂଗ୍ରହ କରିଥାଉ। ଆବଶ୍ୟକ ମାପ ଅନୁସାରେ କାଠକୁ ସାଇଜକରି କାଟିଥାଉ। ମୁଖା ତିଆରି ପୂର୍ବରୁ ସେହି କାଠରେ ଚିତ୍ରକୁ ଅଙ୍କନ କରାଯାଇଥାଏ। ତା ପରେ ନିହଣରେ କଞ୍ଚାକାଠକୁ ଖୋଦନ କରାଯାଇଥାଏ। ମୁଖା ତିଆରି ହୋଇଗଲା ପରେ ସେହି ମୁଖାକୁ କିଛିଦିନ ଛାଇରେ ଶୁଖାଯାଏ। ତା' ପରେ ତେନ୍ତୁଳି ଅଠାରେ ଲେସିଥାଉ। ଏହାପରେ ସେହି ଅଠା ଉପରେ ଓଦା କପଡ଼ାକୁ ପକାଯାଇଥାଏ। ପରେ ତାହାକୁ ଛାଇରେ ଶୁଖାଯାଇ ତା'ଉପରେ ଚୂନ ଖଡ଼ିକୁ ବୋଳାଯାଇଥାଏ । ଏହା ଶୁଖିଗଲା ପରେ ସେଥିରେ ବିଭିନ୍ନ ପାରମ୍ପରିକ ରଙ୍ଗ ଦେଇ ରଙ୍ଗିନ କରାଯାଇଥାଏ।

**ଏବେ ଘରର ସୌଖୀନ ସାଜସଜ୍ଜା**-ତେବେ ଆଜିକାଲି ଅନେକ ପାରମ୍ପରିକ କଳାକୃତିକୁ ସୌଖୀନ ସାଜସଜ୍ଜା ସାମଗ୍ରୀ ଭାବେ ଘର କାନ୍ଥରେ ଝୁଲେଇଥାନ୍ତି । ବିଭିନ୍ନ ଶୋ ରୁମ୍‌ରେ ମଧ୍ୟ ଏହି କାଠମୁଖାକୁ ସଜେଇ ରଖାଯାଉଥିବାର ଦେଖିବାକୁ ମଳେ, ଯାହା କି ପାରମ୍ପରିକ କଳାକୃତିକୁ ଭଲ ପାଉଥିବା ପରିଚୟଦିଏ।


**ବିକ୍ରି ବ୍ୟବସ୍ଥା**-କାଠମୁଖା ସାଇଜ ଓ ଗଠନକୁ ନେଇ ବିଭିନ୍ନ ମୂଲ୍ୟରେ ବିକ୍ରି କରାଯାଇଥାଏ। ସାଧାରଣତଃ ଗୋଟିଏ କାଠମୁଖାର ଦାମ୍ ପ୍ରାୟ ୩୦୦ ଟଙ୍କାରୁ ଆରମ୍ଭକରି ସାଇଜ ଅନୁସାରେ ୧୨/୧୫ଶହରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି କରାଯାଇଥାଏ। ତେବେ ଏହି କାଠମୁଖା କଳାକାରିଗରି ବାଘମାରୀ ଅଞ୍ଚଳକୁ ଭିନ୍ନପରିଚୟ ଦେଉଛି। ଏଠାରୁ କାରିଗରମାନେ ରାଜ୍ୟ ଓ ରାଜ୍ୟ ବାହାରକୁ ବିଭିନ୍ନ କାଠତିଆରି ମୁଖାକୁ ବିକ୍ରି କରିବାକୁ ନେଇଥାନ୍ତି। ବିଶେଷକରି ପୁରୀ, ଭୁବନେଶ୍ୱରରେ ଏହି କାଠମୁଖାର ଚାହିଦା ଭଲ ରହିଛି। ଜଣେ କାରିଗର କାଠମୁଖା ତିଆରିକରି ମାସକୁ ପ୍ରାୟ୧୫ରୁ ୨୦ହଜାର ଟଙ୍କା ରୋଜଗାର କରିପାରିବା ସହିତ ନିଜର ନିଆରା ପରିଚୟ ସୃଷ୍ଟି କରିଥାଏ।





**ଶିଳ୍ପୀଙ୍କ ଯାଦୁକରୀ ହସ୍ତର ସ୍ପର୍ଶରେ ନିର୍ଜୀବ ପଥର ଦେହରେ ବି ସଞ୍ଚାରିତ ହୁଏ କଳାର ପ୍ରାଣ । ଯାହା କି ଶିଳ୍ପୀଙ୍କ ପାଇଁ ସୃଷ୍ଟିକରେ ନିଆରା ପରିଚୟ । ତେବେ ପଥର ପରି କାଠରେ ବି ତିଆରି ହୋଇଥାଏ ବିଭିନ୍ନ ପ୍ରକାରର କାଠମୁଖା...**







ବ୍ୟାକ୍ ପେଜ୍









# ଶାମୁକା କାରିଗରି



ନ୍ୟୁୟର୍କର ଆନ୍ନା ଚାନ୍ ଜଣେ ଗହଣା ନିର୍ମାତା ଓ ଡିଜାଇନର୍। ଏହି ମହାମାରୀ ସମୟରେ ସେ କିଛି ସୃଜନଶୀଳ କାମ କରି ନିଜର ଖାଲି ସମୟ ବିତାଉଛନ୍ତି। ଆନ୍ନା, 'ରବର୍ଟ ମୋଜେସ୍ ଷ୍ଟେଟ୍ ପାର୍କ' ଯାଇ ସେଠାକାର ବେଳା ଭୂମିରେ ଘଣ୍ଟା ଘଣ୍ଟା ରହି ପ୍ରଥମେ ସଂଗ୍ରହ କରୁଛନ୍ତି ସୁନ୍ଦର ସୁନ୍ଦର ଶାମୁକା। ତା'ପରେ ସାମାନ୍ୟ ଓଦା ବାଲି ଦେଖି ସେହି ବାଲିକୁ କିଛି ଜୀବଜନ୍ତୁଙ୍କର ରୂପ ଦେଉଛନ୍ତି। ଏହାପରେ ବାଲିର ସେହି କଳାକୃତି ଉପରେ ମୋଜାଇକ୍ ଭାବେ ଶାମୁକାଗୁଡ଼ିକୁ ଗୋଟେ ପରେ ଗୋଟେ ଖଞ୍ଜନ୍ତି। ଅନେକ ପରିଶ୍ରମ ପରେ କଳାକୃତିଟି ଏତେ ସୁନ୍ଦର ଓ ଆକର୍ଷକ ହୋଇଯାଏ ଯେ, ତାହା ସତସତିକା ପ୍ରାଣୀ ଭଳି ଲାଗେ। ଏହି କଳାକୃତିକୁ ଦେଖିଲେ ଏହାକୁ ତିଆରି କରିବା ସହଜ ମନେ ହେଉଥିବ। କିନ୍ତୁ ଏହା ଏତେ ସହଜ ନୁହେଁ। କଳାକୃତି ଅନୁସାରେ ଓ ଏକାଭଳି ଶାମୁକା ସଂଗ୍ରହ କରିବା ଯେତିକି କଷ୍ଟକର ତା'ଠୁ ବେଶି କଷ୍ଟକର ବାଲିକୁ ସେଟ୍ କରି ପ୍ରତିକୃତି ତିଆରି କରି ତା' ଉପରେ ଶାମୁକାଗୁଡ଼ିକୁ ମୋଜାଇକ୍ ଭଳି ରଖିବା। ଆନ୍ନାଙ୍କୁ ଗୋଟିଏ ବଡ଼ ପ୍ରତିକୃତି ତିଆରି କରିବା ପାଇଁ ୩ରୁ ଏକ ସପ୍ତାହ ସମୟ ଲାଗିଯାଏ।

# ସବୁଠୁ ପୁରୁଣା ହାଣ୍ଡବ୍ୟାଗ୍

ମହିଳାଙ୍କ ଫ୍ୟାଶନେବଲ ଆସେସରିଜ୍ ମଧ୍ୟରେ ହାଣ୍ଡବ୍ୟାଗ୍ ଅନ୍ୟତମ। ଅକେଜନ୍ ଅନୁସାରେ ହାଣ୍ଡବ୍ୟାଗ୍‌ର ପ୍ରକାର ବି ବଦଳିଥାଏ। ହେଲେ କେବେ ଭାବିଛନ୍ତି କି କେବେଠାରୁ ଏହାର ବ୍ୟବହାର ଆରମ୍ଭ ହୋଇଛି ? ଯଦିଓ ଏହାର ଠିକ୍ ସମୟ ଜଣା ନାହିଁ, ତେବେ ନିକଟରେ ଉଦ୍ଧାର ହୋଇଛି ସବୁଠାରୁ ପୁରୁଣା ହାଣ୍ଡବ୍ୟାଗ୍। ଅନୁମାନ କରାଯାଉଛି ଏହା ୭୦୦ ବର୍ଷ ପୁରାତନ। ଲଣ୍ଡନର କୋର୍ଟଉଲ୍ଡ ଗ୍ୟାଲେରିରେ ଏହାକୁ ପ୍ରଦର୍ଶିତ କରାଯାଇଥିଲା। ବ୍ୟାଗଟି ଉତ୍ତର ଇରାକର ମୋସୁଲ ସହରର ବୋଲି କୁହାଯାଉଛି। ବ୍ରାସ୍‌ର ଏହି ବ୍ୟାଗ୍ ଏକ କ୍ଲଚ୍ ବ୍ୟାଗ୍ ଭଳି ଦେଖାଯାଏ। ପ୍ରଥମେ ଉକ୍ତ ବ୍ୟାଗକୁ ଘୋଡ଼ାଚାଳନା କରୁଥିବା ପୁରୁଷଙ୍କର ସ୍ୟାଡଲ୍‌ବ୍ୟାଗ୍ ଅବା ପୁରୁଷଙ୍କର ୱାଲେଟ୍ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ



ଏବେ ମିଳିଥିବା କିଛି ପ୍ରମାଣରୁ ଜଣାପଡୁଛି ଯେ, ଏହା ମହିଳାଙ୍କ ହାଣ୍ଡବ୍ୟାଗ୍। ଏଥିରେ ହୋଇଥିବା କାରୁକାର୍ଯ୍ୟ ବେଶ୍ ଉଚ୍ଚକୋଟୀର। ଏଥିରେ ମଙ୍ଗୋଲ ଦରବାରର ଦୃଶ୍ୟ ଦେଖିବାକୁ ମିଳେ। କାରୁକାର୍ଯ୍ୟରେ ଦେଖିପାରିବେ ଦାମୀ ପୋଷାକ ପିନ୍ଧିଥିବା ପୁରୁଷ ଓ ମହିଳା ମଝିରେ ଥିବା ଖାଇବା ଟେବୁଲରେ ବସିଛନ୍ତି ଓ ତାଙ୍କ ଚାରିପଟେ ମଙ୍ଗୋଲ ପୋଷାକ ପିନ୍ଧିଥିବା ଆଟେଣ୍ଡାଣ୍ଟ ତାଙ୍କୁ ଖାଦ୍ୟ ଓ ପାନୀୟ ଯୋଗାଉଛନ୍ତି। ତାଙ୍କ ପାଖରେ ଜଣେ ମହିଳା ହାତରେ ଦର୍ପଣ ଧରିଥିବା ସହ ଡାହାଣ କାନ୍ଧରୁ ଛାତି ଦେଇ ବାମ ଅଣ୍ଟା ଆଡକୁ ଝୁଲୁଥିବା ଏକ ବ୍ୟାଗ ଦେଖିବାକୁ ମିଳେ। ଏଇଥିରୁ ଅନୁମାନ କରାଯାଉଛି ଯେ, ଏହି ହାଣ୍ଡବ୍ୟାଗ ମହିଳାଙ୍କର ବୋଲି।

# ପାଲିଙ୍କିରେ ବର ଓ ବଦଳ ଗାଡ଼ିରେ ବରଯାତ୍ରୀ



ଆଜିକାଲି ବାହାଘରେ ପାଣି ଭଳି ଟଙ୍କା ଖର୍ଚ୍ଚ କରାଯାଉଛି। ଦାମୀ ଲକ୍‌ଜୁରୀୟସ୍ ଗାଡ଼ିରେ ବର ଆସିବା ସହ ବରଯାତ୍ରୀମାନଙ୍କ ପାଇଁ ବି ଦାମୀଗାଡ଼ିର ଲାଇନ୍ ଲାଗୁଛି। କିନ୍ତୁ ଉତ୍ତରପ୍ରଦେଶ, ଦେବରୀୟାର ଏକ ବାହାଘରେ ଟଙ୍କା ଓ ଷ୍ଟାଟସ୍‌କୁ ପ୍ରଦର୍ଶିତ ନ କରାଯାଇ, ଗୁରୁତ୍ୱ ଦିଆଯାଇଛି ପରମ୍ପରାକୁ। ବିବାହର ଯେଉଁ ପରମ୍ପରାକୁ ଆମେ ବହୁ ବର୍ଷ ହେବ ଭୁଲିଯାଇଛୁ ତାକୁ ଏହି ବିବାହରେ ଦେଖିବାକୁ ମିଳିଥିଲା। ଏଥିରେ ବର ପାଲିଙ୍କିରେ ବସି ଆସିବାବେଳେ ବରଯାତ୍ରୀ ଆସିଥିଲେ ସୁସଜ୍ଜିତ ବଦଳଗାଡ଼ିରେ। ଏହି ବରଯାତ୍ରୀ ଯେଉଁ ରାସ୍ତା ଦେଇ ଯାଉଥିଲା ଦେଖଣାହାରୀଙ୍କ ଲମ୍ବା ଲାଇନ୍ ଲାଗିଯାଉଥିଲା। ବରଯାତ୍ରୀ କୁଶହରୀ ଗ୍ରାମରୁ ବଲହିଡା ଗ୍ରାମକୁ ଯାଇଥିଲା। କୁଶହରୀ ଗ୍ରାମର ଛୋଟେଲାଲ ପାଲ ଧନଗର୍ ଥିଲେ ବର। ସେ ମୁମ୍ବାଇ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଆର୍ଟ ଡିପାର୍ଟମେଣ୍ଟରେ କାମ କରନ୍ତି। ବଲହିଡା ଗ୍ରାମର ସରିତା ଥିଲେ କନିଆ। କନିଆଙ୍କ ଘର ବରଘରଠାରୁ ପ୍ରାୟ ୩୨



କି.ମି. ଦୂର। ବରଯାତ୍ରୀ ଗାଡ଼ି ଯେବେ ଏତେ ବାଟ ଅତିକ୍ରମ କରି କନିଆ ଗାଁରେ ପହଞ୍ଚିଲା ପୂରା ଗାଁର ଲୋକ ଦେଖିବାକୁ ଆସିଥିଲେ। ବରଯାତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ।